## ସଂକ୍ଷେପରେ

### ଦୁର୍ଘଟଣାରେ ବୃଦ୍ଧ ମୃତ

**ରାଜନଗର, ୨୨।୧୦ (ଡି.ଏନ୍.ଏ.)**

ରାଜନଗର-ପଞ୍ଚାମୁଣ୍ଡାଇ ରାସ୍ତାର ଅଡ଼ାଡେଉଁରିଆଠାରେ ସଡକ ଦୁର୍ଘଟଣା ଘଟି ରବିବାର ରାତିରେ ରାଜନଗର ଥାନା ଅଧୀନ ଘଡିଆମାଳ ଗାଁର ଲମ୍ବୋଦର ବାରିକ (୫୫)ଙ୍କର ମୃତ୍ୟୁ ଘଟିଛି। ଏଥିସହ ୨ଜଣ ଆହତ ହୋଇଛନ୍ତି। ଲମ୍ବୋଦରଙ୍କ ସହିତ ଶିରିଗଡ ଗାଁର କିଶୋର ବାରିକ, ଶାସନ ଗାଁର ସିଦ୍ଧେଶ୍ୱର ଷଡ଼ଙ୍ଗୀ ରାଜକନିକାକୁ ପାଲା କରିବାକୁ ଯାଇଥିଲେ। ରାତି ପ୍ରାୟ ୧୧ଟା ସୁଦ୍ଧା ସେଠାରୁ ବାଇକ୍‌ରେ ଫେରୁଥିବା ବେଳେ ଅଡ଼ାଡେଉଁରିଆ ନିକଟରେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଲମ୍ବୋଦରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ କିଶୋର ଓ ସିଦ୍ଧେଶ୍ୱର ସାମାନ୍ୟ ଆହତ ହୋଇଥିଲେ। ୩ଜଣଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଲମ୍ବୋଦରଙ୍କୁ ମୃତ ଘୋଷଣା କରିଥିଲେ।

### ୪ ମନ୍ଦିରରୁ ଚୋରି

**ଡେରାବିଶ, ୨୨।୧୦ (ସ୍ୱ.ପ୍ର)**

ଡେରାବିଶ ବ୍ଲକ ଅଞ୍ଚଳର ୪ଟି ମନ୍ଦିରରୁ ଗତ ଶୁକ୍ରବାର ରାତିରେ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଦଶହରା ଦିନ ଚାନ୍ଦୋଳ ଫାଣ୍ଡି ଅଧୀନ ଚାନ୍ଦୋଳ ପଞ୍ଚାୟତର ନରଣପଡ଼ାସ୍ଥିତ କ୍ଷେତ୍ରପାଳ ମନ୍ଦିର, କନ୍ଦେଇସ୍ଥିତ ମା' ବୁଢ଼ୀ ଜାଗୁଳାଇ ମନ୍ଦିର ଓ ପନାପଡ଼ାସ୍ଥିତ ମା' ବୁଢ଼ୀଜାଗୁଳାଇ ଏବଂ ପଲେଇ ପଞ୍ଚାୟତସ୍ଥିତ କାଜିପୁରସ୍ଥିତ ଶନି ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ମନ୍ଦିରରେ ଲାଗିଥିବା ଘଣ୍ଟି, ଠାକୁର ବାସନ ଓ ହୁଣ୍ଡି ବାକ୍ସରୁ ଟଙ୍କା, ରୁପା ମୁକୁଟ, ଆଖି ଚୋରାଇ ନେଇଥିବା ଅଭିଯୋଗ ହୋଇଛି।

### ବାର୍ଦ୍ଧକ୍ୟ ଭତ୍ତା ମିଳୁ ନଥିବା ଅଭିଯୋଗ

**ରାଜନଗର, ୨୨।୧୦ (ଡି.ଏନ୍.ଏ.)**

ରାଜନଗର ବିଡିଓଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ବହୁ ଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉ ନଥିବା ଅଭିଯୋଗ ହୋଇଥିଲା। କେତେକ ସ୍ଥାନରେ ରାଜନୈତିକ ହସ୍ତକ୍ଷେପ ଯୋଗୁ ବୃଦ୍ଧାବୃଦ୍ଧମାନଙ୍କୁ ଭତ୍ତା ପ୍ରଦାନ କରାଯାଉ ନଥିବା ବହୁ ହିତାଧିକାରୀ ଅଭିଯୋଗ କରିଥିଲେ। ହାତିନା ପଞ୍ଚାୟତ କଇଥା ଗ୍ରାମର ତ୍ରିଲୋଚନ ଜେନା, ମୁକ୍ତି ପଢିହାରୀ, ବାନାମ୍ବର ଦାସ, ହାତିନା ଗାଁର ଗୋପାଳ ଚନ୍ଦ୍ର ସେଠୀ, ହାରା ସେଠୀ, ଦାମୋଦର ପାଢ଼ୀ ବିଡିଓ ମନ୍ଦରଧର ମହାଲିକଙ୍କୁ ଭେଟି ସେମାନଙ୍କୁ ଭତ୍ତା ମିଳୁ ନଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ଅଭିଯୋଗକାରୀ ବୃଦ୍ଧାବୃଦ୍ଧଙ୍କ ବୟସ ୬୦ରୁ ଊର୍ଦ୍ଧ୍ୱ। ସେମାନଙ୍କ ନାମରେ ଭତ୍ତା ମଞ୍ଜୁର ହୋଇଛି। ଫଳରେ ଗତ ୧୬ ତାରିଖରେ ସେମାନେ ଭତ୍ତା ଆଣିବାକୁ ଯାଇଥିବା ବେଳେ ହାତିନା ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ ସେମାନଙ୍କୁ ଟଙ୍କା ନ ଦେଇ ଫେରାଇ ଦେଇଥିଲେ। ସୂଚନାଯୋଗ୍ୟ, ରାଜନଗର ବ୍ଲକର ୨୯ ପଞ୍ଚାୟତରେ ଗତ ୧୫ ତାରିଖରେ ୨୨୩୮ ଜଣଙ୍କୁ ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି। ତେବେ ୬୦ବର୍ଷରୁ କମ୍ ବୟସର ଶତାଧିକ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି।

### 'ସମସ୍ତଙ୍କ ପାଇଁ ଶିକ୍ଷା' କାର୍ଯ୍ୟକ୍ରମ

**ଡେରାବିଶ, ୨୨।୧୦ (ସ୍ୱ.ପ୍ର.):**

ଡେରାବିଶ ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତର ମାରୁତୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର 'ସମସ୍ତଙ୍କ ପାଇଁ ଶିକ୍ଷା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍‌ର କେନ୍ଦ୍ରାପଡ଼ା ଜିଲା ସଂଯୋଜକ ଦୀନେଶ କୁମାର ରଥ ସଭାପତିତ୍ୱ କରିଥିଲେ। ଏଥିରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ଅଧିକାରୀ ଅକ୍ଷୟ ପରିଡ଼ା ମୁଖ୍ୟଅତିଥି, ସେହି ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବେହେରା ମୁଖ୍ୟବକ୍ତା ଏବଂ ଶିକ୍ଷାବିତ ଜୟନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପାଠ ପଢି ପାରୁ ନ ଥିବା ଓ ଅଧାରେ ପଢା ଛାଡୁଥିବା ପିଲାଙ୍କୁ ପାଠପଢା ପ୍ରତି ଅଧିକ ଆକୃଷ୍ଟ କରିବା ପାଇଁ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସରଳୀକରଣ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। କିଟ୍‌ର ଅଧାପକ ଜିତେନ୍ଦ୍ର କୁମାର ରାଉତ, ଦିଲ୍ଲୀପ କୁମାର ବାରିକ, ମନୋଜ ବେହେରା, ଅନନ୍ତ କୁମାର ଖଟୁଆ, ଡା. ଶ୍ରୀକୁମାର ଆଚାର୍ଯ୍ୟ, ଗୋଲଖ ବିହାରୀ ନାୟକ ଓ ହେମନ୍ତ କୁମାର ନାୟକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଶେଷରେ କିଟ୍ କର୍ମକର୍ତ୍ତା ରମୀୟ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍‌ର କର୍ମଚାରୀ ମହେନ୍ଦ୍ର କୁମାର ଦାସଙ୍କ ସମେତ ଉକ୍ତ ବିଦ୍ୟାଳୟର ଶିକ୍ଷକ କରୁଣାକର ସ୍ୱାଇଁ, ନରହରି ନାଥଶର୍ମା, ବାନାମ୍ବର ଜେନା ଏବଂ କର୍ମଚାରୀ ହୃଷୀକେଶ ସ୍ୱାଇଁ ଓ ବୈକୁଣ୍ଠ ବିହାରୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୋ ହେଲମେଟ, ନୋ ପେଟ୍ରୋଲ ନିୟମ ପାଲଟିଛି ପ୍ରହସନ

■ ୨୦୧୬ରୁ ଲାଗୁ ହୋଇଛି ନିୟମ

■ ହେଉନାହିଁ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା ଅଫିସ, ୨୨।୧୦**

ସଡ଼କ ଦୁର୍ଘଟଣା ରୋକିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଉଛନ୍ତି । ବାଇକ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ପାଇଁ ବାଇକ ଚାଳନା ସମୟରେ ହେଲମେଟ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ୨୦୧୬ରୁ ରାଜ୍ୟ ଓ କେନ୍ଦ୍ର ସରକାର ପେଟ୍ରୋଲ ପମ୍ପରେ ନୋ ହେଲମେଟ, ନୋ ପେଟ୍ରୋଲ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ମାତ୍ର ଏହି ନିର୍ଦ୍ଦେଶନାମା କେନ୍ଦ୍ରପଡା ଜିଲାରେ ପ୍ରହସନ ପାଲଟିଥିବା ମନେହେଉଛି। ବାଇକ ଚଳାଇବା ବେଳେ ହେଲମେଟ ବ୍ୟବହାର ଉପରେ ସଚେତନତା ସୃଷ୍ଟି କରାଯାଉ ନ ଥିବା ଅଭିଯୋଗ ହୋଇଛି। ହେଲମେଟ ବ୍ୟବହାର ନ କରିବା ଯୋଗୁ ଶନିବାର ଜିଲାର ପାଟକୁରା ଥାନା ଅନ୍ତର୍ଗତ ପହଣାପଲିଆ ଗ୍ରାମର ୨ଯୁବକଙ୍କ ମୃତ୍ୟୁ ଘଟିଛି। କଳାବୁଦା ଗ୍ରାମରୁ ଦୁର୍ଗାପୂଜା ଦେଖି ଫେରୁଥିବା ବେଳେ ଗରଦପୁର ବ୍ଲକର ଭଦକମଳଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏସଡିପିଓ ରାଜୀବଲୋଚନ ପଣ୍ଡାଙ୍କ ସୂଚନା ଅନୁଯାୟୀ, ହେଲମେଟ ପିନ୍ଧିଥିଲେ, ସମ୍ଭବତ ସେମାନଙ୍କ ମୃତ୍ୟୁମୁଖରୁ ବର୍ତ୍ତି ପାରିଥାନ୍ତେ। ହେଲମେଟ ପିନ୍ଧିବା ନେଇ ସବୁସ୍ତରରେ ସଚେତନତା କରାଯାଉଥିଲେ ମଧ୍ୟ ବିଶେଷ କରି ଯୁବବର୍ଗ ପସନ୍ଦ କରୁ ନ ଥିବା ସେ ପ୍ରକାଶ କରିଛନ୍ତି । ଅପରପକ୍ଷେ ବାଇକ୍ ଦୁର୍ଘଟଣା ରୋକିବା ଲାଗି ସରକାର ଜାରି କରିଥିବା ନୋ ହେଲମେଟ, ନୋ ପେଟ୍ରୋଲ ଆଇନକୁ ଯୁବବର୍ଗ ମାନୁ ନ ଥିବା ଅଭିଯୋଗ ହୋଇଛି। ସହରର ଜୈନିକ ପେଟ୍ରୋଲ ପମ୍ପ ମାଲିକଙ୍କ କହିବାନୁଯାୟୀ, ସରକାରଙ୍କ ଏହି ନିୟମ ପାଳନ ପାଇଁ ଚେଷ୍ଟା କରା ଯାଇଥିଲା । ମାତ୍ର କେତେକ ଯୁବକ ପ୍ରଥମେ ଅନୁରୋଧ ଓ ପରେ ଧମକ ଦେବା ପରେ ବାଧ ହୋଇ ବିନା ହେଲମେଟରେ ସେମାନଙ୍କୁ ପେଟ୍ରୋଲ ଦେବାକୁ ବାଧ ହେଉଛୁ ବୋଲି ସେ କହିଛନ୍ତି। ମାତ୍ର ବୁଦ୍ଧିଜୀବୀ ବାନାମ୍ବର ସାହୁ ଏହାକୁ ବିରୋଧ କରିଛନ୍ତି। ସେ କହିଛନ୍ତି ଯେ, ପେଟ୍ରୋଲ ପମ୍ପ ହେଉଛି ସରକାରଙ୍କ ଲାଇସେନ୍ସପ୍ରାପ୍ତ ତେଲ ବିକ୍ରେତା । ସରକାରଙ୍କ ନିୟମକୁ ଠିକ ଭାବେ ପରିଚାଳନା କରିବା ସେମାନଙ୍କ ଦାୟିତ୍ୱ। ଏଥିସହ ଦେଶର ରାଜକୋଷରୁ ଏହି ନିୟମ ପାଳନ ପାଇଁ ପ୍ରଚାର ପ୍ରସାରରେ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି । ଏସବୁସତ୍ତ୍ୱେ ନିୟମ କାର୍ଯ୍ୟକାରୀ ନ ହେବା ଜିଲା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପେଟ୍ରୋଲ ପମ୍ପ ମାଲିକଙ୍କ ମନୋମୁଖୀ କାର୍ଯ୍ୟ ବନ୍ଦ ହେଲେ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା କମିବ ବୋଲି ସେ ପ୍ରକାଶ କରିଛନ୍ତି । ଏସମ୍ପର୍କରେ ବୁଦ୍ଧିଜୀବୀ ଶୁଭାଶିଷ ମହାନ୍ତି କୁହନ୍ତିଯେ, ପ୍ରତିଦିନ ବାଇକ ଦୁର୍ଘଟଣାରେ ଜିଲାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଅଧିକାଂଶ ସମୟରେ ବାଇକ ଚାଳକ ଓ ଆରୋହୀଙ୍କ ମୁଣ୍ଡରେ ହେଲମେଟ ନଥିବାରୁ ଦୁର୍ଘଟଣା ଘଟୁଥିବା ଜଣାପଡିଛି। ମାତ୍ର ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ସରକାରଙ୍କ ନୋ ହେଲମେଟ, ନୋ ପେଟ୍ରୋଲ ନିୟମ ପାଳନ କରିବା ପାଇଁ ଜିଲା ପ୍ରଶାସନ, ଆଞ୍ଚଳିକ ପରିବହନ କେନ୍ଦ୍ର ଓ ପୋଲିସ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ଏନେଇ କୌଣସି ସଚେତନତା କାର୍ଯ୍ୟକ୍ରମ ଅଦ୍ୟାବଧି ଆରମ୍ଭ ହୋଇନାହିଁ ବୋଲି ସେ କ୍ଷୋଭର ସହ କହିଛନ୍ତି। ଏସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ କୁହନ୍ତି ଯେ, ସରକାର ଏହି ନିୟମକୁ ପାଳନ କରିବା ପାଇଁ ବିଭିନ୍ନ ସମୟରେ ପେଟ୍ରୋଲ ପମ୍ପରେଗୁଡିକରେ ଚଢ଼ାଉ କରାଯାଉଛି। ଜୋରିମାନା ମଧ୍ୟ ଆଦାୟ କରାଯାଉଛି । ଏଥିସହ ଏନେଇ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି ।


ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ହବାଲୀଖଟିଠାରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ପାଇଁ ବନବିଭାଗ ପକ୍ଷରୁ ନିର୍ମିତ କଟେଜ ।

■ ଭିତରକନିକାରୁ ଦୁର୍ଗାମୂର୍ତ୍ତି ଚୋରି ଘଟଣା

## ମନ୍ଦିର ଟ୍ରଷ୍ଟ ପକ୍ଷରୁ ଥାନାରେ ଏତଲା

**ରାଜନଗର, ୨୨।୧୦ (ଡି.ଏନ୍.ଏ.)**

ଭିତରକନିକା ମଧ୍ୟରେ ଥିବା ଏକ ମନ୍ଦିରରୁ ଅଷ୍ଟଧାତୁରେ ନିର୍ମିତ ଦୁର୍ଗା ମୂର୍ତ୍ତି ଚୋରି ନେଇ ସୋମବାର ମନ୍ଦିର ଟ୍ରଷ୍ଟ ପକ୍ଷରୁ ରାଜନଗର ଥାନାରେ ଏତଲା ଦିଆଯାଇଛି। କନିକା ରାଜ ପରିବାରର ଗୁମାସ୍ତା ଲମ୍ବୋଦର ରାଉତ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଭିତରକନିକା ଜଙ୍ଗଲ ମଧ୍ୟରେ ଥିବା ଶିବ ମନ୍ଦିରରେ ଶିବଙ୍କ କୋଳରେ ମା'ଦୁର୍ଗାଙ୍କ ମୂର୍ତ୍ତି ଥିଲା। ଗତ ବର୍ଷ ଦୁର୍ଗାଷ୍ଟମୀ ବେଳେ କନିକା ରାଜାଙ୍କ ପୁରୋହିତ ସେଠାରେ ପାର୍ବଣ ପୂଜା କରିଥିଲେ। ମାତ୍ର ଚଳିତବର୍ଷ ଦୁର୍ଗାଷ୍ଟମୀ ପୂଜା ପାଇଁ ରିଘାଗଡ ମନ୍ଦିରର ସୁବାସ ଦାସ, ପୂଜକ ଶରତ ଚନ୍ଦ୍ର ଦାସ ସେଠାକୁ ଯାଇଥିବା ବେଳେ ସେଠାରେ ଦୁର୍ଗାମୂର୍ତ୍ତି ନଥିବା ଦେଖିଥିଲେ। ମୁଗୁନି ପଥରରେ ତିଆରି ଉକ୍ତ ମୂର୍ତ୍ତିର ମୂଲ୍ୟ ପ୍ରାୟ ୨୫ହଜାର ଟଙ୍କା ହେବ। ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

## ଏଜୁକେଶନ ଫର୍ ଅଲ୍ କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଅତିଥି।

**ରାଜନଗର, ୨୨।୧୦ (ଡି.ଏନ୍.ଏ.)**

କିଟ୍ ଏବଂ କିସ୍ ପ୍ରତିଷ୍ଠାନ ପକ୍ଷରୁ ରାଜନଗର ବ୍ଲକ ଜରିମୂଳସ୍ଥିତ ସାବିତ୍ରୀଦେବୀ ବାଳିକା ବିଦ୍ୟାଳୟ ପରିସରରେ 'ଏଜୁକେଶନ ଫର ଅଲ' କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ଓଷ୍ଟା ସଂଘର ସଭାପତି ସୀତାକାନ୍ତ ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ଅତୁଳ ବଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍‌ର ଅଧାପକ ମନୋଜ ବେହେରା, ବରିଷ୍ଠ ଅଧାପକ ଲଳିତମୋହନ ଲେଙ୍କା, ଶିକ୍ଷାବିତ୍ ମାନସ ମିଶ୍ର, ସୁଶ୍ରୀକାନ୍ତ ପରିଡ଼ା, ପତ୍ରକାର ଜଗନ୍ନାଥ ଦାସ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଛବିଲତା ମହାକୁଡ଼ ସ୍ୱାଗତ ଭାଷଣ ଏବଂ ପ୍ରୀତିଲତା ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବନଜା ମଲିକ ଧନ୍ୟବାଦ ଦେଇଥିଲେ।

## ବିଜୟା ଦଶମୀରେ ଖଡ୍ଗ ପୂଜା

**ଡେରାବିଶ, ୨୨।୧୦ (ସ୍ୱ.ପ୍ର)**

କେନ୍ଦ୍ରାପଡ଼ା ଆଞ୍ଚଳିକ ଖଣ୍ଡାୟତ କ୍ଷେତ୍ରିୟ ଚେତନ ବିକାଶ ପରିଷଦ ତରଫରୁ ବାଲିଆସ୍ଥିତ ଦୟାନନ୍ଦ ସେବାଶ୍ରମ ପରିସରରେ ବିଜୟା ଦଶମୀ ଅବସରରେ ଖଡ୍ଗପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେବାଶ୍ରମ ସଭାପତି ନିରଞ୍ଜନ ସ୍ୱାଇଁ ଉତ୍ସବ ଆରମ୍ଭରେ ଓମ୍‌ଧ୍ୱଜା ଉତ୍ତୋଳନ କରିଥିଲେ। ଜିଲା ଖଣ୍ଡାୟତ କ୍ଷେତ୍ରିୟ ଚେତନ ବିକାଶ ପରିଷଦର ସଭାପତି ରାଜକିଶୋର ଜେନା ଖଡ୍ଗ ପୂଜାର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ସୂଚନା ଦେଇଥିଲେ। ଖଡ୍ଗ ପୂଜା ପରେ ଦୁର୍ଯ୍ୟୋଧନ ସ୍ୱାଇଁ ବୀରବେଶରେ ଅଭିଷିକ୍ତ ହୋଇ ଖଣ୍ଡା ଧାରଣ କରିଥିଲେ। ଏହି ଉତ୍ସବରେ ଖଣ୍ଡାୟତ କ୍ଷେତ୍ରିୟ ଚେତନ ବିକାଶ ପରିଷଦ ସଭ୍ୟ ସୁରେନ୍ଦ୍ର କୁମାର ସ୍ୱାଇଁ, ଅଶୋକ କୁମାର ଜେନା, ନଗେନ୍ଦ୍ର ରାଉତ, ନାରାୟଣ ସ୍ୱାଇଁ, ଅନ୍ନଦା ପ୍ରସାଦ ପରିଡ଼ା, ରମେଶ ଚନ୍ଦ୍ର ଭଦ୍ର, ପ୍ରଭାକର ରାଉତ, ସୁକାନ୍ତ କୁମାର ମଲ୍ଲିକ, କୃଷ୍ଣଚନ୍ଦ୍ର ବଳ, ସୁଧାକର ନାୟକ, କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ବସନ୍ତ କୁମାର ଜେନା, ହରେକୃଷ୍ଣ ଭୋଳ, ଉର୍ମିଳା ଆର୍ଯ୍ୟା, ଶିଳ୍ପାଭାରତୀ ଆର୍ଯ୍ୟା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଖଣ୍ଡାୟତ କ୍ଷେତ୍ରିୟ ଚେତନ ବିକାଶ ପରିଷଦର ସମ୍ପାଦକ ମଦନ ମୋହନ ଆର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

■ ଅବ୍ୟବସ୍ଥାରେ ଡେରାବିଶ ତହସିଲ କାର୍ଯ୍ୟାଳୟ

## ତହସିଲଦାର ସମେତ ବିଭିନ୍ନ ପଦବୀ ଖାଲି

**ଡେରାବିଶ, ୨୨।୧୦ (ସ୍ୱ.ପ୍ର)**

ଡେରାବିଶ ତହସିଲ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ତହସିଲଦାର ପଦବୀ ଖାଲି ପଡ଼ିଥିବା ଯୋଗୁ ସାଧାରଣ ଲୋକେ ଅସୁବିଧା ଭୋଗୁଛନ୍ତି। ଡେରାବିଶ ତହସିଲ ଅଧୀନରେ ୨୬ଗୋଟି ପଞ୍ଚାୟତ ଥିବା ବେଳେ ଅନେକ ସମୟରେ ଲୋକମାନେ ବିଭିନ୍ନ କାର୍ଯ୍ୟ ପାଇଁ ହଇରାଣ ହେଉଥିବା ଦେଖାଯାଉଛି। ଗତ ଜାନୁୟାରୀରୁ ତତ୍କାଳୀନ ତହସିଲଦାରଙ୍କୁ ବଦଳି କରି ଦିଆଯାଇଥିଲା ବେଳେ ଏ ପର୍ଯ୍ୟନ୍ତ ଏହି ସ୍ଥାନ ଖାଲିପଡ଼ିଛି। ତେବେ ୨ଜଣ ଅତିରିକ୍ତ ତହସିଲଦାର ଦାୟିତ୍ୱ ତୁଲାଉଥିବା ବେଳେ ଗତ ୪ମାସ ହେଲା ଜଣେ ଅତିରିକ୍ତ ତହସିଲଦାରଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଇଛି। ଏବେ ଜଣେ ମାତ୍ର ଅତିରିକ୍ତ ତହସିଲଦାର କାହ୍ନୁଚରଣ ଲେଙ୍କା ସମସ୍ତ କାର୍ଯ୍ୟ ତୁଲାଉଛନ୍ତି। ଜଣେ ମାତ୍ର ଭାରପ୍ରାପ୍ତ ତହସିଲଦାର ଥିବାରୁ କାର୍ଯ୍ୟାଳୟରେ ରାଜସ୍ୱ ଆଦାୟ, ଜମିଜମା ସଂକ୍ରାନ୍ତୀୟ କାର୍ଯ୍ୟ ସମେତ ବିଭିନ୍ନ ସାର୍ଟିଫିକେଟ୍ ବାହାର କରିବା ପାଇଁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ରଙ୍କ ନାମଲେଖା ଓ ଚାକିରି ପାଇଁ ଜାତିଗତ ପ୍ରମାଣପତ୍ର, ଆବାସିକ ପ୍ରମାଣପତ୍ର, ଆୟ ପ୍ରମାଣ ପତ୍ର ବାହାର କରିବାକୁ ଦୀର୍ଘଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଦୀର୍ଘ ୧୦ ମାସ ଧରି ତହସିଲଦାର ପଦବୀ ଖାଲି ପଡ଼ିଥିଲେ ମଧ୍ୟ ଏ ନେଇ ପ୍ରଶାସନିକସ୍ତରରେ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଡେରାବିଶ ତହସିଲରେ ନୂତନ ତହସିଲଦାର ଓ ବିଭିନ୍ନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ସମସ୍ତ ପଦବୀ ପୂରଣ କରିବା ପାଇଁ ଅଞ୍ଚଳବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ମା'ଦୁର୍ଗାଙ୍କ ଭସାଣି ଉତ୍ସବ

**ରାଜନଗର, ୨୨।୧୦ (ଡି.ଏନ୍.ଏ.)**

ରଜନଗର ବ୍ଲକ ଅଞ୍ଚଳରେ ମା'ଦୁର୍ଗା ଭସାଣି ଉତ୍ସବ ଦୁଇ ଦିନ ଧରି ଚାଲିଛି। ସୋମବାର ଗଜାନନ, ସାଇବାବା ଓ ବଜରଙ୍ଗବାଲିଙ୍କୁ ସଂକୀର୍ତ୍ତନ ମାଧ୍ୟମରେ ଗାଁ ଓ ବଜାର ପରିକ୍ରମା କରାଯାଇ ବିସର୍ଜନ କରାଯାଇଛି। ରବିବାର ମା'ଲକ୍ଷ୍ମୀମେଢ, ଟାଉନ କ୍ଲବ ମେଢ଼, ଅନନ୍ତଶୟନ ମେଢ, ଧନଲକ୍ଷ୍ମୀ ମେଢ, ତ୍ରିନାଥ ମେଢ ବିସର୍ଜନ କରାଯାଇଥିଲା। ଏଥିସହ ଏ ବର୍ଷ ହଂସୁଆ ଘାଟରେ ଅନନ୍ତ ବାସୁଦେବ ପୂଜା କମିଟି ପକ୍ଷରୁ ନୂତନ ଭାବେ ସାଇବାବାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ବିସର୍ଜନ କରାଯାଇଛି। ଡିଜେ ସାଉଣ୍ଡ ସାଙ୍ଗକୁ ଅତ୍ୟାଧୁନିକ ବାଦ୍ୟଯନ୍ତ୍ର ମାଧ୍ୟମରେ ଦେବଦେବୀଙ୍କୁ ବିସର୍ଜନ କରାଯାଇଛି।

■ ଗଜାନନ ବାହନରେ ଆସୁଛନ୍ତି ମା' ଧନଦାତ୍ରୀ

## ୬୦ ମଣ୍ଡପରେ ଚାଲିଛି ବ୍ୟାପକ ପ୍ରସ୍ତୁତି

**ଡେରାବିଶ, ୨୨।୧୦ (ସ୍ୱ.ପ୍ର.)**

ଦୁର୍ଗା ପୂଜା ପରେ ପରେ ଗଜାନନ ବାହନରେ ଧରାପୃଷ୍ଠକୁ ଆସୁଛନ୍ତି ମା'ଧନଦାତ୍ରୀ। ମା'ଙ୍କ ସ୍ୱାଗତ ପାଇଁ ପ୍ରକୃତି ବିଭିନ୍ନ ରଙ୍ଗରେ ସଜେଇ ହେଉଥିବା ବେଳେ ଡେରାବିଶର ପ୍ରାୟ ୬୦ଟି ମଣ୍ଡପରେ ଚାଲିଛି ସାଜସଜ୍ଜା। ସମସ୍ତ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ସାଙ୍ଗକୁ ମଣ୍ଡପ ଓ ତୋରଣ ସଜ୍ଜା ନେଇ ପ୍ରତିଯୋଗିତା ହେଉଛି। କୁମାର ପୂର୍ଣ୍ଣିମା ତିଥିରୁ ମା'ଙ୍କ ପୂଜା ଆରମ୍ଭ ହେବାକୁ ଥିବା ବେଳେ ଏହା ୮ଦିନ ବ୍ୟାପୀ ଚାଲିବ। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ଗୋଟିଏ ଦିନ ପରେ ସବୁଠି ଆରମ୍ଭ ହେବ ପୂଜା। ଡେରାବିଶ ବ୍ଲକ ଚାନ୍ଦୋଳ ବଜାରରେ ୨୦ଟି ମଣ୍ଡପରେ ମା'ଙ୍କ ଆଗମନ ପାଇଁ ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ଶେଷ ହୋଇଛି। ସେହିପରି ଛୋଟି, ନେତୁଆ, ଛତା, ଓଲଡ଼ି, ଫକିରାବାଦ, ମନ୍ତ୍ରୀପଡ଼ା, ନହଙ୍ଗ ଆନନ୍ଦ ବଜାର, ବଳଭଦ୍ରପୁର, ସାତ ବାଟିଆ, ଲକ୍ଷ୍ମୀନାରାୟଣପୁର, ପଲ୍ଲୀରଘୁନାଥପୁର, ଚଷା ଖଣ୍ଡ, କାକଟିଆ ପ୍ରଭୃତି ଗ୍ରାମ ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହୋଇଛି। ଚଳିତ ବର୍ଷ ଅଧିକାଂଶ ମଣ୍ଡପରେ ପାରମ୍ପରିକ ସଙ୍ଗୀତ ପରିବେଷଣ ପାଇଁ ଆୟୋଜନ ଚାଲିଥିବା ବେଳେ କେତେକ ମଣ୍ଡପରେ ମେଲୋଡି ପାଇଁ ପ୍ରସ୍ତୁତି କରାଯାଇଛି। ବ୍ଲକ ଅଧୀନ ଛତା ଛକଠାରେ ଛତା ବଟ ମହାପୁରୁଷ ପୂଜା କମିଟି ଓ ଓଲଡ଼ି ପୂଜା କମିଟି ପକ୍ଷରୁ ଆକର୍ଷିତ ତୋରଣ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ। ଛୋଟି ଓ ନେତୁଆ ପୂଜା କମିଟି ପକ୍ଷରୁ ଜାତୀୟସ୍ତରୀୟ ଘଟଣାବଳୀକୁ ନେଇ ବାରୁଆଳି ଦର୍ଶକଙ୍କ ପାଇଁ ବିଶେଷ ଆକର୍ଷଣ ହେବ ବୋଲି କମିଟି ସଦସ୍ୟ ସୂଚନା ଦେଇଛନ୍ତି। ତେବେ ପୂଜା ଉତ୍ସବ ସମୟରେ ଡେରାବିଶ ଥାନା, ସଦର ଥାନା ଓ ନିକିରାଇ ଥାନା ପକ୍ଷରୁ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା କେନ୍ଦ୍ରାପଡ଼ା ଏସଡିପିଓ ରାଜୀବ ଲୋଚନ ପଣ୍ଡା ସୂଚନା ଦେଇଛନ୍ତି।


ନେତୁଆ ପୂଜା ମଣ୍ଡପରେ ମା'ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଉଛି।

## ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆଶାକର୍ମୀ ସଂଘର ପ୍ରତିବାଦ ସଭା

**ରାଜକନିକା, ୨୨।୧୦(ଡି.ଏନ୍.ଏ.)**

ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ, ରାଜକନିକା ସିଏଚ୍‌ସି କମିଟି ପକ୍ଷରୁ ସୋମବାର ରାଜକନିକା ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମନୋଜ ସେନାପତିଙ୍କୁ ପ୍ରଦାନ କରାଯାଇଛି । ଆଶାକର୍ମୀଙ୍କ ଦାବିଗୁଡିକ ମଧ୍ୟରେ ମାସର ୫ ତାରିଖ ସୁଦ୍ଧା ଦରମା ବ୍ୟାଙ୍କ ଖାତା ମାଧ୍ୟମରେ ପଠାଯିବା, ବର୍ଦ୍ଧିତ ପାରିଶ୍ରମିକ ତୁରନ୍ତ ପ୍ରଦାନ କରିବା, ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତାକୁ ଭିତ୍ତି କରି ପ୍ରମୋସନ ଦେବା, ଆଶା କାର୍ଯ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟର ପାରିଶ୍ରମିକ ପ୍ରଦାନ କରିବା, ବୀମା ବାବଦକୁ ୨୫ ଲକ୍ଷ ଟଙ୍କା ଘୋଷଣା କରିବା, କର୍ମୀମାନଙ୍କୁ ମାସିକ ୧୮ ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ କରିବା ଓ ଦେହ ଖରାପ ହେଲେ ଛୁଟି ମିଳିବା ଆଦି ଅନ୍ତର୍ଭୁକ୍ତ ରହିଛି। ପ୍ରତିବାଦ ସଭାରେ ଆଶାକର୍ମୀଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଛି ବୋଲି ସଂଘ ସମ୍ପାଦିକା କବିତା ସାମଲ ଅଭିଯୋଗ କରିଥିଲେ। ଏହି ଅବସରରେ ସାମଲଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାର ଆୟୋଜନ ହୋଇଥିଲା। ଏହି ଶୋଭାଯାତ୍ରା ମେଲଣ ପଡ଼ିଆରୁ ବାହାରି କଣ୍ଟପଡ଼ା ବଜାର, ବାଘବୁଦା, ଥାନା ଛକ ଓ ଅଶୋକ ବଜାର ଆଦି ସ୍ଥାନ ପରିକ୍ରମା କରିଥିଲା। ଏଥିରେ ବହୁ ଆଶା କର୍ମୀ ଓ ସାଥୀମାନେ ସାମିଲ ହୋଇଥିଲେ। ସେହିପରି ପ୍ରତିବାଦ ସଭାରେ ସଂଘର ରାଜକନିକା ଶାଖାର ସଭାନେତ୍ରୀ ସୁକାନ୍ତି ବେହେରା, ଜିଲା ସମ୍ପାଦିକା ସଂଯୁକ୍ତା ରାଉତ, ଜିଲା ଉପସଭାନେତ୍ରୀ କ୍ରାନ୍ତିପ୍ରଭା ନାୟକ, ଏଆଇଟିୟୁସିର ରମଣୀ ରଞ୍ଜନ ରାଉତରାୟ, ଅରୁଣ ରାଉତ, ଅକ୍ଷୟ ମଲ୍ଲିକ, ଭଜହରି ପ୍ରଦାନ, ଅକ୍ଷୟ କୁମାର ସେଠୀ, ନନ୍ଦିନୀ ସ୍ୱାଇଁ, କନକ ମଞ୍ଜରୀ ସିଂ, ସ୍ମୃତିରେଖା ତରାଇ ଓ ପୁଷ୍ପାରାଣୀ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଆଶାକର୍ମୀ

■ ଜିଲା ମହିଳା ଭାଜପାର ଖବରଦାତା ସମ୍ମିଳନୀ

## ମହିଳାଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ


ସମ୍ମିଳନୀରେ ଯୋଗଦେଇଥିବା ଜିଲା ମହିଳା ଭାଜପା ସଦସ୍ୟ

**କେନ୍ଦ୍ରାପଡା ଅଫିସ, ୨୨।୧୦**

କେନ୍ଦ୍ରାପଡା ସହରର ଗୋପସ୍ଥିତ ଭାଜପା କାର୍ଯ୍ୟାଳୟରେ ଜିଲା ମହିଳା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସୋମବାର ଆୟୋଜିତ ହୋଇଯାଇଛି । ଏଥିରେ ସଭାନେତ୍ରୀ କାନନବାଳା ଦାସ, ସାଧାରଣ ସମ୍ପାଦିକା ମନସ୍ୱିନୀ ଜେନା, ଉପସଭାନେତ୍ରୀ ଉର୍ମିଳା ସେଠୀ, ମହିଳା ମୋର୍ଚ୍ଚା ପ୍ରଭାରୀ ଗୀତାଞ୍ଜଳି ସେଠୀ ଉପସ୍ଥିତ ରହି ମହିଳାଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅଣଦେଖାକୁ ସମାଲୋଚନା କରିଥିଲେ। ରାଜ୍ୟ ସରକାର ମା'ଙ୍କୁ ସମ୍ମାନ ଓ ଗାଁକୁ କାମ ସ୍ଲୋଗାନ ଦେଇ ଆସୁଛନ୍ତି । ମାତ୍ର ସାମ୍ପ୍ରତିକ ସମୟରେ ଏହି ସ୍ଲୋଗାନର ବାସ୍ତବିକତା କିଛିନାହିଁ । ମହିଳାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଇଛି ସେମାନେ ଅଭିଯୋଗ କରିଛନ୍ତି । ନାରୀ ନିର୍ଯାତନା ବୃଦ୍ଧି ପାଇବା, ମଦ ବିକ୍ରୟ ଉପରେ ରୋକ ନ ଲାଗିବା ଓ ପୋଲିସ ବାହିନୀ ଦ୍ୱାରା ମହିଳାଙ୍କ ସ୍ୱର ଚାପି ଦେବାକୁ ଉଦ୍ୟମ କରାଯାଉଛି ବୋଲି ଭାଜପା ପକ୍ଷରୁ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏହା ବିରୋଧରେ ଆଗାମୀ ଦିନରେ ଜନ ଆନ୍ଦୋଳନ ସୃଷ୍ଟି କରାଯିବ ବୋଲି ମହିଳା ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି।

■ ବିଜେଡିର ମହିଳା ସମାବେଶ

## ମହିଳା ସଶକ୍ତୀକରଣ ରାଜ୍ୟକୁ ସମୃଦ୍ଧ କରିଛି

**କେନ୍ଦ୍ରାପଡ଼ା ଅଫିସ, ୨୨।୧୦**



ମହିଳା ସମାବେଶରେ ଯୋଗଦେଇଥିବା ଅତିଥିମାନେ।

ରାଜ୍ୟର ବିଜେଡି ସରକାର ମହିଳାଙ୍କୁ ସର୍ବଦା ଗୁରୁତ୍ୱ ଦେଇଛି । ବିଭିନ୍ନ ଯୋଜନା ପ୍ରଣୟନ କରି ମହିଳାଙ୍କୁ ସ୍ୱାବଲମ୍ବୀ କରିଛି। ଏହା ଦ୍ୱାରା ରାଜ୍ୟ ସମୃଦ୍ଧ ହୋଇଥିବା କେନ୍ଦ୍ରାପଡା ବିଧାନସଭା ମଣ୍ଡଳୀସ୍ତରୀୟ ବିଜେଡିର ମହିଳା ସମାବେଶରେ ମତ ପ୍ରକାଶ ପାଇଛି । ସହରର ମହିପାଳସ୍ଥିତ ଟେଲିକମ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ମହିଳା ସମାବେଶରେ ଜିଲା ମହିଳା ବିଜେଡି ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏଥିରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷ ମାନସକୁମାର ପରିଡା, ରାଜ୍ୟ ମହିଳା ବିଜେଡି ଉପ ସଭାନେତ୍ରୀ ସୁଲୋଚନା ଦାସ, ସଞ୍ଜୁକ୍ତା ମହଲା, ଜ୍ୟୋସ୍ନାମୟୀ ପରିଡା ଓ ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଜୁବାବୁଙ୍କ ସ୍ୱପ୍ନକୁ ପୂରଣ ପାଇଁ ରାଜନୀତି କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଇଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସେମାନେ କହିଥିଲେ, ମହିଳା ସଶକ୍ତିକରଣ ରାଜ୍ୟକୁ ସମୃଦ୍ଧ କରିଛି। ଶିକ୍ଷା, ସ୍ୱାସ୍ଥ୍ୟ ସହ ସ୍ୱାବଲମ୍ବୀ ହେବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି । ଏହାଦ୍ୱାରା ମହିଳାମାନେ ପରିବାରକୁ ଆର୍ଥିକ ସହଯୋଗ ଦେଇ ପାରୁଥିବା ବେଳେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରୁଛନ୍ତି । ଗତ ୧୮ ବର୍ଷର ବିଜେଡି ସରକାର ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିର ହିତ ପାଇଁ ଚିନ୍ତା କରୁଛି । ଏଥିସହ ସମସ୍ତ ମୌଳିକ ସମସ୍ୟାର ସମାଧାନ ପାଇଁ ତୃଣମୂଳସ୍ତରକୁ ନିଜର କର୍ମକ୍ଷେତ୍ର ବାଛିଥିବା ସେମାନେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ରୋସନା ସାହୁ, ଜିଲା ପରିଷଦ ସଭ୍ୟା ଜ୍ୟୋସ୍ନାରାଣୀ ଜେନା, ଆଇନଜୀବୀ ଦେବଦାସ ମହାନ୍ତି, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ ଓ ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ଓ ସଞ୍ଜୟ ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ସମାବେଶ ପୂର୍ବରୁ ସହରର ନୂଆବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଏଥିରେ ୨ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ ।

## ସଂକ୍ଷେପରେ

### ଦୁଇ ଦୋକାନ ଜଳିଗଲା, ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ

**ବାଲିକୁଦା,୨୨।୧୦(ସ୍ୱ.ପ୍ର.):** ବାଲିକୁଦା ମୁଖ୍ୟ ବଜାର ହାଟଗଡ଼ା ଛକଠାରେ ଥିବା ରମେଶ ବେହେରାଙ୍କ ଷ୍ଟେଶନାରୀ ଦୋକାନ ଓ ଆରତି ବେହେରାଙ୍କ ପୂଜା ସାମଗ୍ରୀ ଦୋକାନ ପୋଡ଼ିଯାଇଛି। ବିଦ୍ୟୁତ୍ ଶଟ୍ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ପ୍ରତ୍ୟେକ ଦିନ ଭଳି ରମେଶଙ୍କ ପୁଅ ତାଙ୍କ ଦୋକାନରେ ଶୋଇଥାନ୍ତି। ରବିବାର ରାତିରେ ମଧ ସେ ଦୋକାନରେ ଶୋଇଥିଲେ। ସକାଳୁ ଉଠି ବାହାରକୁ ନିତ୍ୟକର୍ମ ସାରିବାକୁ ଯାଇଥିଲେ। ଏହି ସମୟରେ ଦୋକାନ ଭିତରେ ବିଦ୍ୟୁତ୍ ବଲ୍‌ବ ଜଳୁଥିଲା। କୌଣସି ପ୍ରକାରେ ସେହି ବୁଦ୍ୟୁତ୍ ତାରରୁ ଶଟ୍ ସର୍କିଟ ଘଟି ନିଆଁ ଲାଗିଯାଇଥିଲା। ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି କେତେକ ଲୋକ ସେଠାକୁ ଯାଇ ରମେଶଙ୍କୁ ଫୋନ କରିଥିଲେ। ଫୋନ ପାଇ ତାଙ୍କ ପୁଅ ସେଠାକୁ ଆସି ଦୋକାନ ତାଲା ଖୋଲି ଦେଇଥିଲେ। ନିଆଁ ଷ୍ଟେଶନାରୀ ଦୋକାନରୁ ଆରତିଙ୍କ ପୂଜା ସାମଗ୍ରୀ ଦୋକାନକୁ ବ୍ୟାପି ଯାଇଥିଲା। ପାଖରେ ଥିବା ଏକ ଅଣ୍ଡା ଦୋକାନ ମଧ ଏଥିରେ କେତେକାଂଶରେ ପୋଡିଯାଇଛି। ବାଲିକୁଦା ଅଗ୍ନିଶମ ଭାରାପ୍ରାପ୍ତ ଅଧିକାରୀ ନବଘନ ମଲ୍ଲିକ ନିଜ ଟିମ ସହ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୋକାନରେ ଥିବା ୩ ଟି ଫ୍ରିଜ୍ ସମେତ ଲକ୍ଷାଧିକ ଟଙ୍କାର ଜିନିଷ ଓ ପୂଜା ସାମଗ୍ରୀ ପୋଡିଯାଇଛି।

### ନାବାଳିକା ବଳାତ୍କାର ଘଟଣାରେ ଅଭିଯୁକ୍ତ କୋର୍ଟଚାଲାଣ

#### ପୀଡିତାଙ୍କ ପରିବାରକୁ ସୁରକ୍ଷା ଦାବି

**ତିର୍ତ୍ତୋଲ,୨୨।୧୦(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ଘଟଣାରେ ଅଟକ ଅଭିଯୁକ୍ତ ବିଜିପୁର ଗ୍ରାମର ସନ୍ତୋଷ ଭୋଲଙ୍କୁ ସୋମବାର ପୋଲିସ କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ପୀଡିତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବା ସହ ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବେଦଦ୍ୟୁତି ପୃଷ୍ଟି ଏନେଇ ଏକ ପ୍ରେସ ଇସ୍ତାହାର ପ୍ରଦାନ କରିଛନ୍ତି। ଏଥିରେ ସେ ପୀଡିତା ନାବାଳିକାଙ୍କ ସମସ୍ତ ଚିକିତ୍ସାଖର୍ଚ୍ଚ ସରକାର ବହନ କରିବା, ପୀଡିତା ପରିବାରକୁ ଆର୍ଥିକ ସହାୟତା ଦେବା, ପୀଡିତା ପରିବାର ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଥିବାରୁ ସେମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଦାବି କରିଛନ୍ତି। ପୋଲିସ ଏହି ସମ୍ବେଦନଶୀଳ ଘଟଣାର ସଠିକ ତଦନ୍ତ ନ କଲେ ଯୁବକଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ପ୍ରେସ ଇସ୍ତାହାରରେ ଚେତାବନୀ ଦିଆଇଯାଇଛି।

# ଏକାସଙ୍ଗେ ଜଳିଲା ୪ ଜୁଇ

**କୁଜଙ୍ଗ,୨୨।୧୦(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ପନାଡିଆ ଗ୍ରାମରେ ଜ୍ୱାଇଁ ନିଜ ସ୍ତ୍ରୀ, ଶାଶୁ ଓ ଶ୍ୱଶୁରଙ୍କୁ ପୋଡ଼ି ମାରିବା ସହ ନିଜେ ଜଳିଯିବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ୪ ମୃତଦେହ ବ୍ୟବଚ୍ଛେଦ ହୋଇ ସନ୍ଧ୍ୟା ୭ଟାରେ ଗ୍ରାମରେ ପହଞ୍ଚିବା ପରେ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକାସଙ୍ଗେ ନବଘନ ସାହୁ, ତାଙ୍କ ସ୍ତ୍ରୀ କମଳା ଓ ଝିଅ ରୁବିନାଙ୍କ ସହ ଜ୍ୱାଇଁ ଭଦ୍ରକ ଜିଲା ତିହିଡ଼ିର ହରେକୃଷ୍ଣ ମଲ୍ଲିକଙ୍କ ଜୁଇ ଜଳିଛି। ନବଘନଙ୍କ ପୁତ୍ର ବେଙ୍ଗାଲୁରୁରେ ଥିବାରୁ ସନ୍ଧ୍ୟା ସୁଧା ଘରେ ପହଞ୍ଚି ପାରି ନ ଥିଲେ। ତେଣୁ ତାଙ୍କ ପୁତୁରା ପ୍ରହଲ୍ଲାଦ ସାହୁ ମୁଖାଗ୍ନି ଦେଇଥିଲେ।


ଶ୍ମଶାନରେ ୪ ମୃତଦେହ ଶତ୍କାର କରାଯାଉଛି।

### ଅଧୁରା ରହିଲା କୁଆଁର ପୁନେଇ

ରବିବାର ବିଳମ୍ବିତ ରାତିରେ ହରେକୃଷ୍ଣ ହଠାତ୍ ଆସି ପହଞ୍ଚିବା ଦେଖି ରୁବିନା ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ୬ ମାସ ତଳେ ବିବାହ ହୋଇଥିବାରୁ କୁମାର ପୂର୍ଣ୍ଣିମା ପାଇଁ ସେ ବଡ଼ ଯତ୍ନରେ କିଣିଥିବା ଶାଢିକୁ ସ୍ୱାମୀଙ୍କୁ ଦେଖାଇବା ସହ ଖାଇବାକୁ ଦେଇଥିଲେ। ମାତ୍ର ସ୍ୱାମୀଙ୍କ ମୁଣ୍ଡରେ ଯେ ଭୂତ ଶବାର ହୋଇଛି, ତାହା ତାଙ୍କୁ ଜଣା ନ ଥିଲା। ରାତିରେ ବିଭିନ୍ନ କଥାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଓ ମତାନ୍ତର ହୋଇଥିଲା। ଉଭୟ ଶୋଇଥିଲେ। ମାତ୍ର ସ୍ତ୍ରୀକୁ ସାରା ଜୀବନ ରକ୍ଷା କରିବାର ଦାୟିତ୍ୱ ନେଇଥିବା ସ୍ୱାମୀ ହରେକୃଷ୍ଣ ବିଳମ୍ବିତ ରାତିରେ ବର୍ବର କାଣ୍ଡ ଘଟାଇଥିଲେ। ଜୀବନ୍ତ ଜାଳିଦେଲେ ରୁବିନାଙ୍କୁ। ଅଧୁରା ରହିଗଲା ରୁବିନାଙ୍କ କୁମାର ପୂର୍ଣ୍ଣିମା ପାଳିବାର ଆଶା।

### ବିବାହ ହୋଇଥିଲା ବେଙ୍ଗାଲୁରୁରେ

ରୁବିନାଙ୍କ ଭାଇ ସନ୍ତୋଷ କୁମାର ସାହୁଙ୍କ ସହ ବେଙ୍ଗାଲୁରୁରେ ରହି କାମ କରୁଥିଲେ ହରେକୃଷ୍ଣ ମଲିକ। ଗତ ଏପ୍ରିଲ ୨୦ ତାରିଖରେ ବେଙ୍ଗାଲୁରୁରେ ଥିବା ଶ୍ରୀଜାପୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ହିନ୍ଦୁ ରୀତୀନୀତି ଅନୁସାରେ ସେ ରୁବିନାଙ୍କୁ ବିବାହ କରିଥିଲେ। ହରେକୃଷ୍ଣ ୪୨ ବର୍ଷ ବୟସରେ ବିବାହ କରିବା ପରେ ଭଦ୍ରକର ଏକ ନୋଟାରୀରେ ଗତ ମେ ୧୧ ତାରିଖରେ ବିବାହ ପଞ୍ଜିକୃତ କରିଥିଲେ। କିଛି ଦିନ ବେଙ୍ଗାଲୁରୁରେ ରହିବା ପରେ ଉଭୟ ଭଦ୍ରକ ଆସିଥିଲେ।

### ପଞ୍ଚମ ବ୍ୟକ୍ତିର ସମ୍ପୃକ୍ତି ସନ୍ଦେହ

ବିବାହ ପରେ ହରେକୃଷ୍ଣଙ୍କ ସହ ରୁବିନାଙ୍କ ଦାମ୍ପତ୍ୟ କଳହ ତୀବ୍ର ହେବାରେ ଲାଗିଥିଲା। ବିବାହର ମାତ୍ର ୨ ମାସ ପରେ ରୁବିନା ନିଜ ବାପଘର ବାଲିତୁଠର ବାନାଡିଆକୁ ପଳାଇ ଆସିଥିଲେ। ଏହା ମଧ୍ୟରେ ହରେକୃଷ୍ଣ ବହୁବାର ସ୍ତ୍ରୀ ରୁବିନାଙ୍କୁ ନେବାକୁ ଆସି ବିଫଳ ହୋଇଥିଲେ। ଏପରିକି ହରେକୃଷ୍ଣ ନିଜ ଶ୍ୱଶୁର ଘରକୁ ଆସି କିପରି ପ୍ରତାରିତ ହୋଇଛନ୍ତି, ବିଭିନ୍ନ ସମୟରେ ତାଙ୍କଠାରୁ କିପରି କୌଶଳ କରି ଟଙ୍କା ନିଆଯାଇଛି, ସ୍ତ୍ରୀଙ୍କୁ ତାଙ୍କ ସହ କିପରି ଯିବାକୁ ଦିଆଯାଉନି ଆଦି ବିଭିନ୍ନ ପ୍ରସଙ୍ଗରେ ବହୁବାର ନିଜ ସମ୍ପର୍କୀୟ ଓ କୁଜଙ୍ଗ କୋର୍ଟର କେତେଜଣ ଆଇନଜୀବୀଙ୍କ ସହ ଆଲୋଚନା କରିଥିଲେ। ସେ ଆଲୋଚନାବେଳେ ରୁବିନାଙ୍କର ଅନ୍ୟ କାହା ସହିତ ସମ୍ପର୍କ ରହିଥିବା ଅଭିଯୋଗ ମଧ କରିଥିଲେ। ଏଥିରେ ତାଙ୍କ ଶ୍ୱଶୁର ଘର ଲୋକେ କିଭଳି ବ୍ୟଙ୍ଗୋକ୍ତି କରନ୍ତି ତାହା ମଧ କହିଥିଲେ।

ଅନ୍ୟପକ୍ଷରେ ଘର ତାଲା ଓ ଚାବି ଘର ନିକଟରେ ପଡିବା, ହରେକୃଷ୍ଣ ନିଜେ ପୋଡିହୋଇ ମରିବା ଆଦି ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ତେଣୁ କେହି ପଞ୍ଚମ ବ୍ୟକ୍ତି ଏହି ଘଟଣାରେ ସମ୍ପୃକ୍ତ ଥିବା କୁହାଯାଉଛି। ସେ ହରେକୃଷ୍ଣ କିମ୍ବା ରୁବିନାଙ୍କ ସମ୍ପର୍କୀୟ ହୋଇଥାଇପାରନ୍ତି।






# ନକଲି ଆର୍ମି ଅଫିସର ଗିରଫ

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**


ଅନିରୁଦ୍ଧ ମିଶ୍ର

- କ୍ୟାଣ୍ଟିନରୁ ସାମଗ୍ରୀ ନେଉଥିବାବେଳେ ଧରାପଡିଲେ
- ଚାକିରି ଦେବାକୁ କହି ଲୁଟୁଥିଲେ, ନକଲି କାର୍ଡ ଜବତ

ନିଜକୁ ଜଣେ ଆର୍ମି ଅଫିସର କହୁଥିଲେ। ଆର୍ମିରେ ଚାକିରି ଦେବାକୁ କହି ବେକାର ଯୁବତୀଯୁବକଙ୍କଠାରୁ ବହୁ ଲକ୍ଷ ଟଙ୍କା ନେଇଥିଲେ। ନକଲି କାର୍ଡ ତିଆରି କରି ଆର୍ମି ଅଫିସର ଭଳି ସମସ୍ତ ସୁବିଧା ସୁଯୋଗ ବି ହାତଉଥିଲେ। ଉକ୍ତ କାର୍ଡରେ ଭୁବନେଶ୍ୱରସ୍ଥିତ ୧୨୦ ବାଟାଲିୟନରୁ ସାମଗ୍ରୀ ନେଉଥିବାବେଳେ ଧରାପଡିଛନ୍ତି ସମ୍ପୃକ୍ତ ବ୍ୟକ୍ତି। ସୋମବାର ଖାରବେଳନଗର ଥାନା ପୋଲିସ ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ନକଲି କାର୍ଡ ଓ କେତେକ କାଗଜପତ୍ର ଜବତ କରିଛି। ଗିରଫ ନକଲି ଆର୍ମି ଅଫିସର ଜଣଙ୍କ ହେଲେ କଟକ ତିଗିରିଆ ଅଞ୍ଚଳର ଅନିରୁଦ୍ଧ ମିଶ୍ର। ତେବେ ପଚରାଉଚରାବେଳେ ତାଙ୍କ କାର୍ନାମା ସଂକ୍ରାନ୍ତରେ ପୋଲିସକୁ ବହୁ ତଥ୍ୟ ମିଳିଛି। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ପୋଲିସ ସୂଚନାନୁସାରେ, ଅନିରୁଦ୍ଧ ପାରାଦୀପରେ ରହୁଥିଲେ। ସେ ସେଠାରେ ନିଜକୁ ଜଣେ ଆର୍ମି ଅଫିସର କହି ନୂଆ ପରିଚୟ ସୃଷ୍ଟି କରିଥିଲେ। ସ୍ଥାନୀୟ ତୈଳ ବିଶୋଧନାଗାରରେ ଏକ ସିକ୍ୟୁରିଟି ସଂସ୍ଥାର ଅପରେଶନ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଏଥିସହ ଉଚ୍ଚପଦସ୍ଥ ଅଫିସରଙ୍କ ସହ ଭଲ ସମ୍ପର୍କ ଥିବା କହି ବେକାର ଯୁବତୀଯୁବକଙ୍କୁ ଚାକିରି ପ୍ରଲୋଭନ ଦେଖାଇ ସେମାନଙ୍କଠାରୁ ବିପୁଳ ଅର୍ଥ ନେଇଥିଲେ। କିନ୍ତୁ ଚାକିରି ଦେଇ ନ ପାରି ସମୟ ଗଡ଼ାଇଥିଲେ। ତେବେ ତାଙ୍କଠାରୁ ମିଳିଥିବା ନକଲି କାର୍ଡ ପୂରା ଅସଲି ଭଳି ଦେଖାଯାଉଥିଲା। ଉକ୍ତ କାର୍ଡରେ ସେ ସବୁବେଳେ ୧୨୦ ବାଟାଲିୟନ କ୍ୟାଣ୍ଟିନରୁ ବିଭିନ୍ନ ସାମଗ୍ରୀ ନେଉଥିଲେ। ସ୍ୱଳ୍ପ ମୂଲ୍ୟରେ ଉକ୍ତ ସାମଗ୍ରୀକୁ ନେଇ ପାରାଦୀପ ଓ ଅନ୍ୟ ସ୍ଥାନରେ ବିକ୍ରି କରୁଥିଲେ। ଉକ୍ତ ନକଲି କାର୍ଡ ଦେଖାଇ ସାମଗ୍ରୀ ନେଉଥିବା ସମୟରେ ବାଟାଲିୟନ ଅଧିକାରୀଙ୍କ ସନ୍ଦେହ ହୋଇଥିଲା। ତାଙ୍କ ଉପରେ ନଜର ରଖିବା ସହ ଏନେଇ ଖାରବେଳନଗର ଥାନାରେ ଅଭିଯୋଗ କରାଯାଇଥିଲା। ସୋମବାର ଅନିରୁଦ୍ଧ କାର୍ଡ ଦେଖାଇ ସାମଗ୍ରୀ ନେଉଥିବାବେଳେ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ଉକ୍ତ କାର୍ଡକୁ ଯାଞ୍ଚ କରିବା ପରେ ତାହା ନକଲି ବୋଲି ସ୍ପଷ୍ଟ ହୋଇଥିଲା। ନକଲି କାର୍ଡ ସେ କେଉଁଠୁ ତିଆରି କଲେ ଓ ଏହି ର୍‍ୟାକେଟରେ ଅନ୍ୟ କିଏ ସମ୍ପୃକ୍ତ ଅଛନ୍ତି ତାହାକୁ ନେଇ ପୋଲିସ ଅଧିକ ଖୋଳତାଡ଼ ଆରମ୍ଭ କରିଥିବା ଜଣାପଡିଛି।

# ୧୧ ଦଫା ଦାବି ନେଇ ଆଶାକର୍ମୀ ସଂଘର ବିକ୍ଷୋଭ

**କୁଜଙ୍ଗ,୨୨।୧୦(ସ୍ୱ.ପ୍ର.)**

ନିଖିଳ ଓଡିଶା ଆଶାକର୍ମୀ ସଂଘ ପକ୍ଷରୁ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୧୧ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଶାକର୍ମୀ ସଂଘର ସଭାନେତ୍ରୀ ଜୟନ୍ତୀ ଗୋଚ୍ଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଏଆଇଟିୟୁସି ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀ, ଜିଲା ଏଆଇଟିୟୁସି ସମ୍ପାଦକ ସୁବାସ ମହାପାତ୍ର, ଆଶାକର୍ମୀ ସଂଘ ସମ୍ପାଦିକା ବନିତା ନାୟକ, ସିପିଆଇ ନେତା ହୃଷିକେଶ ନାଥ, ନିରୂପମା ମହାରଣା, ସରସ୍ୱତୀ ମଲ୍ଲ ପ୍ରମୁଖ ଯୋଗଦେଇ ମେଡିକାଲ୍ ପରିସରରେ ଆଶା ଗୃହ ନିର୍ମାଣ, ଆଶାକର୍ମୀଙ୍କୁ ମୋବାଇଲ ପ୍ରଦାନ, ସ୍ଥାୟୀ ନିଯୁକ୍ତି, ୧୮୦୦୦ ହଜାର ଟଙ୍କା ଦରମା ପ୍ରଦାନ, ବକେୟା ଥିବା ସମସ୍ତ ଦରମା ପ୍ରଦାନ ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ସେମାନେ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରସନ୍ନ କୁମାର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଡାକ୍ତର ପଣ୍ଡା ସେମାନଙ୍କ ଦାବି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବାକୁ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ସବିତା ମହାନ୍ତି, ନିରୂପମା ମହରାଣା, ମାତାଜୀ ପଟ୍ଟନାୟକ, ସବିତା ଦାସ, ରୀନାରାଣୀ ମାଝୀ, କନକ ରାଉତ, ସସ୍ମିତା ରାଉତ, ପ୍ରତିମା ବେହେରା, ଶ୍ରୀମତୀ ସ୍ୱାଇଁ, ଅର୍ଚ୍ଚନୀ ଦିଦି, ଲୋଭାବତୀ ସୂତାର ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

# ଭାଜପାରେ ମିଶିଲେ ପୌରାଞ୍ଚଳ କର୍ମୀ

**ପାରାଦୀପ,୨୨।୧୦(ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳ ୩ନଂ ୱାର୍ଡ ଶୁଖୁଆଖଳା ବସ୍ତିରେ ଭାଜପାର ସାଙ୍ଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ଓ କଂଗ୍ରେସର ଶତାଧିକ କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି। ଶୁଖୁଆଖଳାର ଚକ୍ରଧର ବିଶ୍ୱାଳ, ପ୍ରମୋଦ ବେହେରା ଓ ଦୁଷ୍ମନ୍ତ ସାମଲଙ୍କ ସମେତ ଅନ୍ୟମାନେ ରହିଛନ୍ତି। ଏହି ମିଶ୍ରଣ ପର୍ବର ନେତୃତ୍ୱ ନେଇଥିଲେ ଯୁବନେତା ସମ୍ପଦ ସ୍ୱାଇଁ। ଅନ୍ୟମାନଙ୍କ ମଧ୍ୟରେ ବାଇଧର ମଲିକ, ଅଜିତ ଦାସ, ନିରଞ୍ଜନ ସ୍ୱାଇଁ, ଅରୁଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା କାର୍ଯ୍ୟକଳାପରେ ଆକର୍ଷିତ ହୋଇ ଦଳରେ ମିଶିଲୁ ବୋଲି ବ୍ୟକ୍ତିବିଶେଷ ମତ ଦେଇଛନ୍ତି।






### ରାସ୍ତା ନିର୍ମାଣ ଦାବିରେ ବିଡିଓଙ୍କୁ ଘେରାଉ

**ତିର୍ତ୍ତୋଲ,୨୨।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଗରାମ ପଞ୍ଚାୟତ ୨୨ନଂ. ୱାର୍ଡ ଗଛାୟତ ସାହିକୁ ସବୁଦିନିଆ ରାସ୍ତା ନିର୍ମାଣ ଦାବିରେ ସୋମବାର ଗ୍ରାମବାସୀ ବିଡିଓଙ୍କୁ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ବ୍ଲକକୁ ଆସି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋହଲ୍ଲା କରିବା ସହ କାର୍ଯ୍ୟାଳୟ ଆଗରେ ଦୀର୍ଘ ସମୟ ବସିରହିଥିଲେ। ପରେ ବିଡିଓ ରଞ୍ଜନ କୁମାର ପରିଡା ସେମାନଙ୍କୁ କାର୍ଯ୍ୟାଳୟ ମଧ୍ୟକୁ ଡାକି ଆଲୋଚନା କରିବା ସହ ଦାବିପତ୍ର ଗ୍ରହଣ କରିଥିଲେ। ରାସ୍ତା ନିର୍ମାଣ ପାଇଁ ସେ ପଦକ୍ଷେପ ଗ୍ରହଣ କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ୨୨ନଂ ୱାର୍ଡ ଗଛାୟତ ସାହିକୁ ସବୁଦିନିଆ ରାସ୍ତା ନ ଥିବାରୁ ଲୋକମାନେ ବର୍ଷାଦିନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଦୀର୍ଘବର୍ଷ ଧରି ସେମାନେ ମାଟି କାଦୁଅ ରାସ୍ତାରେ ଯିବା ଆସିବା କରୁଛନ୍ତି। ବିଶେଷ କରି ସ୍କୁଲକୁ ଯାଉଥିବା ଛୋଟ ପିଲାମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୂର୍ବରୁ ବହୁବାର ଗ୍ରାମବାସୀ ଜଗତ୍‌ସିଂହପୁର ଜିଲାପାଳ, ତିର୍ତ୍ତୋଲ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ଗ୍ରାମର ପ୍ରଶାନ୍ତ ବିଶ୍ୱାଳ, ରାଜେନ୍ଦ୍ର ବରାଳ, ଅର୍ଜୁନ ବିଶ୍ୱାଳ, ଭ୍ରମରବର ଗଛାୟତ, ଦିଲୀପ ଗଛାୟତ, ସସ୍ମିତା ଗଛାୟତ, ମାନିନୀ ବରାଳ, ଅଲେଖ ଗଛାୟତ, ସୁଦାମ ବରାଳ, ପ୍ରକାଶ ଗଛାୟତ, ବୀରକିଶୋର ଗଛାୟତଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏହି ଘେରାଉରେ ସାମିଲ ହୋଇଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

ଯେ ପର୍ଯ୍ୟନ୍ତ ନିଜ ଘରକୁ ଆଶ୍ରମ ବା ପବିତ୍ର ସ୍ଥାନ ବୋଲି ଭାବି ନାହଁ, ସେ ପର୍ଯ୍ୟନ୍ତ କାମ ବିକାର ଲାଗି ରହିଥିବ।

- ପ୍ରଜାପିତା ବ୍ରହ୍ମାକୁମାରୀ



## ସଂକ୍ଷେପରେ

### ବିଜେଡିର ଜନସମ୍ପର୍କ ପଦଯାତ୍ରା

କୋରେଇ,୨୨।୧୦(ସ୍ୱ.ପ୍ର.): କୋରେଇ ବିଜେଡି ପକ୍ଷରୁ ବଡବୁରୁଡାଁ ଗ୍ରାମରେ ସୋମବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗ୍ରାମ ପରିକ୍ରମା କରିବା ସହ ଲୋକାଙ୍କ ଅଭିଯୋଗ ଶୁଣିଥିଲେ। ତଣ୍ଡରା ପଞ୍ଚାୟତ ସଭାପତି ମାନସ କୁମାର ମହାନ୍ତି, ଶଶି ଭୂଷଣ ବରାଳ, ବିଧାୟକ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, କୃଷକ ନେତା ବଳରାମ ସାହୁ, ଧନେଶ୍ୱର ବାରିକ, ଅଶୋକ ବାରିକ, କୁଳମଣି ଦାସ, ବଳରାମ ସେଠୀ, ସଂଜୀବ ନାୟକ, ଦିଲୀପ କୁମାର ଦାସ, ସରୋଜ କୁମାର ରାଉତ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶତାଧିକ ବିଜେଡି କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ କ୍ଲବ ଘର ଓ ଅଙ୍ଗନୱାଡ଼ି ଗୃହ ଉଦ୍ଘାଟିତ ହୋଇଥିଲା।

### ମୁଁ ହିରୋ କାର୍ଯ୍ୟକ୍ରମ ଉଦ୍ଘାଟିତ

ଯାଜପୁର ଅଫିସ,୨୨।୧୦:କୁସୁମା ରୋଡଠାରେ ଯାଜପୁର ପଞ୍ଚାୟତ ସମିତି ଓ ଯାଜପୁର ପୌରପାଳିକା ବିଜୁ ଯୁବବାହିନୀର ମିଳିତ ଆୟୋଜନରେ ସୋମବାର ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଉପଜିଲାପାଳ ଧଳ ଯୋଗଦେଇ ଦକ୍ଷତା ପାଇଁ ଯୁବବାହିନୀରେ ସାମିଲ ହୋଇ ସମାଜ ସେବାରେ ମନୋନିବେଶ କରି ଏକ ସମୃଦ୍ଧ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ସେ ଯୁବବର୍ଗଙ୍କୁ ପରାମର୍ଶ ଦେଇଥିଲେ। ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତି ଯୋଗଦେଇ ଯୁବବାହିନୀ ରାଜ୍ୟରେ ଏକ ଜାଗରଣରେ ପରିଗଣିତ ହୋଇଛି ବୋଲି କହିଥିଲେ। ଯାଜପୁର ବ୍ଲକ ଅଧକ୍ଷ ପ୍ରଦୀପ୍ତ କୁମାର ନାୟକ, ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଯୁବବାହିନୀ ଏକ ବିପ୍ଳବରେ ପରିଗଣିତ ହୋଇଛି ବୋଲି ମତ ରଖିଥିଲେ। ଜିଲା କ୍ରୀଡାଧିକାରୀ ଫକିରମୋହନ ଟୁଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯାଜପୁର ପୌରାଞ୍ଚଳ ଯୁବବାହିନୀର ସଂଯୋଜକ ସତ୍ୟବାନ ଜେନା ଓ ଯାଜପୁର ବ୍ଲକ ସଂଯୋଜକ ଶଶୀକାନ୍ତ ଘଡାଇ ପରିଚାଳନାରେ ସହଯୋଗ କରିଥିଲେ। ଦାନଗଦି ବ୍ଲକର ସ୍ୱର୍ଣ୍ଣଲତା ଦଳାଇ, ବରୀର ସତ୍ୟରଞ୍ଜନ କର, ଧର୍ମଶାଳାର ରଞ୍ଜିତ ବାରିକ, ରସୁଲପୁର ବ୍ଲକର ସେକ ଶାହାଜାହାନ ଓ ଧର୍ମଶାଳା ବ୍ଲକର ଚୁନୁବାଳା ଦାସ ପ୍ରମୁଖଙ୍କୁ ମୁଁ ହିରୋ ସମ୍ମାନରେ ଅତିଥିମାନେ ସମ୍ମାନିତ କରିଥିଲେ। ଏହି ଅବସରରେ ମୁଁ ହିରୋ ରଥକୁ ଉଦଘାଟନ କରାଯାଇଥିଲା।

# ପ୍ରଫୁଲ୍ଲଙ୍କ ପୋଷ୍ଟରକୁ ନେଇ ଚର୍ଚ୍ଚା

ଯାଜପୁର ଅଫିସ,୨୨।୧୦




**କୋରେଇ ନିର୍ବାଚନ ମଣ୍ଡଳୀ**
- ୪ ବର୍ଷର ନୀରବତା ପରେ ପୋଷ୍ଟରରେ ପ୍ରଫୁଲ୍ଲ
- ଦଳ ଓ ଟିକେଟକୁ ନେଇ ବଢ଼ିଛି ଦ୍ୱନ୍ଦ୍ୱ

ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ନୀରବତା ପରେ ବରିଷ୍ଠ ରାଜନେତା ପ୍ରଫୁଲ୍ଲ ଘଡେଇ ଏବେ ପୁଣି ଚର୍ଚ୍ଚାରେ ଆସିଛନ୍ତି। ଗତ ୪ ବର୍ଷ ମଧ୍ୟରେ ଘଡେଇ ସିଧାସଳଖ କୌଣସି ପୋଷ୍ଟର କିମ୍ବା ବ୍ୟାନରରେ ଆସୁ ନ ଥିଲେ। ଏପରିକି କୌଣସି ରାଜନୈତିକ ଦଳରେ ସଂପୃକ୍ତ ମଧ ନାହାନ୍ତି। ପୁତ୍ର ପ୍ରୀତିରଞ୍ଜନ ଘଡ଼େଇଙ୍କ ପାଇଁ ସେ ପରୋକ୍ଷରେ ବିଜେଡି ସହିତ ରହି ଆସିଛନ୍ତି। ଏପରିକି ବାପପୁଅଙ୍କୁ କେବେ ଏକାଠି କୌଣସି ବୈଠକ କିମ୍ବା ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳେ ନାହିଁ। ମାତ୍ର ଏବେ ବ୍ୟାସନଗର ପୌରାଞ୍ଚଳର ଗୋପବନ୍ଧୁ ଛକ, ଚୋର୍ଦ୍ଦାଛକ, ଧବଳଗିରି ଛକଠାରୁ ଆରମ୍ଭ କରି କୋରେଇ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜାଗାରେ 'ଯାଜପୁର ଜିଲାର ବରେଣ୍ୟ ନେତା ପ୍ରଫୁଲ୍ଲ ଘଡେଇଙ୍କୁ ଶାରଦୀୟ ପୂଜାର ଅଭିନନ୍ଦନ' ଲେଖା ଥିବା ବଡ଼ ବଡ଼ ପୋଷ୍ଟର ଲାଗିଛି। ବିଜେଡିରୁ ବିଦା ହେବାର ଗତ ୪ବର୍ଷ ପରେ ଏଭଳି ପୋଷ୍ଟର ଲାଗିବା ଜିଲାରେ ପ୍ରଥମ। ତେଣୁ କୋରେଇ ନିର୍ବାଚନ ମଣ୍ଡଳୀ ଉପରେ ପୁଣି ଘଡେଇଙ୍କ ନଜର ପଡିଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଥିବା ବେଳେ କେତେଜଣ ଏହାକୁ ସୌଜନ୍ୟମୂଳକ ଅଭିନନ୍ଦନ ବୋଲି କହୁଛନ୍ତି। ଯାଜପୁର ଜିଲା ରମ୍ପାସରେ ବାସ କରୁଥିବା ଘଡ଼େଇ ୨୭ବର୍ଷ ବୟସରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୬୭ ମସିହାରେ ଜନତା କଂଗ୍ରେସରୁ ଯାଜପୁର ପଶ୍ଚିମ ବିଧାନସଭା ଆସନରୁ ସେ ପ୍ରଥମେ ବିଧାୟକ ହୋଇ ପାରିଥିଲେ। ଏହାପରେ ୧୯୭୧ରେ କଂଗ୍ରେସ ଦଳରୁ ବିଧାୟକ ନିର୍ବାଚିତ ହୋଇଥିଲେ। ୧୯୯୦-୨୦୦୦ ପର୍ଯ୍ୟନ୍ତ ସେ ଜନତା ଦଳରୁ ବିଧାୟକ ହୋଇଥିଲେ। ୨୦୦୦-୧୪ ପର୍ଯ୍ୟନ୍ତ ବିଜେଡିରେ କ୍ରମାଗତ ଭାବେ ନିର୍ବାଚିତ ହୋଇଛନ୍ତି। ୭ଥର ବିଧାୟକ ହେବା ମଧ୍ୟରେ ତାଙ୍କୁ ୪ ଥର ମନ୍ତ୍ରୀପଦ ମଧ ମିଳିଛି। ସେଥିରେ ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଅବକାରୀ ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦ ମିଳିଛି। ତେବେ ୨୦୧୨ ମେ ୨୯ର ମିଡନାଇଟ ଅଭିଯାନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଅର୍ଥମନ୍ତ୍ରୀ ପଦବୀରୁ ବାହାର କରି ଦେଇଥିଲେ। ୨୦୧୪ ନିର୍ବାଚନରେ ତାଙ୍କୁ ଟିକେଟ ନ ଦେଇ ତାଙ୍କ ପୁଅ ପ୍ରୀତିରଞ୍ଜନ ଘଡେଇଙ୍କୁ ସୁକିନ୍ଦାରୁ ଟିକେଟ ଦିଆଯାଇଥିଲା। ପରେ ୨୦୧୪ ସେପ୍ଟେମ୍ବରରେ ଏକ ଗଣମାଧ୍ୟମରେ ବିବାଦୀୟ ମନ୍ତବ୍ୟ ଦେଇ ସେ ଦଳରୁ ବିଦା ହୋଇଥିଲେ। ଲଗାତାର ଭାବେ ୨୪ବର୍ଷ ବିଧାୟକ ଓ ୪ଥର ମନ୍ତ୍ରୀ ହୋଇଥିବା ସତ୍ତ୍ୱେ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଏବେ ବି ସ୍ୱାସ୍ଥ୍ୟ ସମସ୍ୟା ଏକ ପ୍ରମୁଖ ପ୍ରସଂଗ ହୋଇ ରହିଛି। ଶିକ୍ଷା, ପାନୀୟ ଜଳ, ଜଳସେଚନ, ନିଯୁକ୍ତି, ଗମନାଗମନ ସମସ୍ୟା ମଧ ଉତ୍କଟ ରୂପ ନେଇଛି। ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରଦୂଷଣ ସମସ୍ୟାରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ୨୦୧୬ରେ ନଗଡାରେ ପୁଷ୍ଟିହୀନତା ସାରା ଦେଶରେ ବଦନାମ ଆଣିଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଥିବା ଖଣି ଓ ଶିଳ୍ପ କାରଖାନାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ବେକାର ଯୁବତୀଯୁବକ ହତାଶ ହୋଇ ପଡିଛନ୍ତି। ତଥାପି ଜିଲାରେ ବିରୋଧି ଦଳର ଦୂରଦୃଷ୍ଟିର ଅଭାବ ଏବଂ ବିଭିନ୍ନ ସମସ୍ୟା ସହ ଅବହେଳାଗୁଡିକର ଉପଯୁକ୍ତ ପ୍ରତିବାଦ କରି ପାରୁ ନ ଥିବାରୁ ଜନାଧାର ବିଶେଷ ଭାବେ ଏପଟସେପଟ ହୋଇନାହିଁ ବୋଲି କୁହାଯାଇପାରେ। ଏହିକ୍ରମରେ କୋରେଇ ନିର୍ବାଚନ ମଣ୍ଡଳୀ ଉପରେ ଅନେକ ବରିଷ୍ଠ ନେତୃବର୍ଗଙ୍କ ଆଖି ପଡିଛି। କଂଗ୍ରେସରୁ ପିସିସି ସଭାପତି ନିରଞ୍ଜନ ନାୟକଙ୍କଠାରୁ ଆରମ୍ଭ କରି ଏହି ନିର୍ବାଚନ ମଣ୍ଡଳୀ ଉପରେ ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସଙ୍କର ମଧ ନଜର ରହିଛି। ସେହିପରି କଂଗ୍ରେସରୁ ବନ୍ଦିତା ପରିଡା, ଭାଜପାରୁ ବିଶ୍ୱଜିତ ନାୟକ, ଆଲେକଜାଣ୍ଡାର ଦାସ ପ୍ରମୁଖ ଟିକେଟ ପାଇଁ ଆଶା ବାନ୍ଧିଛନ୍ତି। ସେମାନଙ୍କ ମଧ୍ୟରେ ବରିଷ୍ଠ ନେତା ଘଡେଇ ମଧ ଥିବା ଜୋର ଚର୍ଚ୍ଚା ହେଉଛି। ଘଡେଇ କେଉଁ ଦଳକୁ ଯିବେ ଓ ନିର୍ବାଚନ ମଇଦାନକୁ ଓହ୍ଲାଇବେ ସେ ନେଇ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ ଆରମ୍ଭ ହୋଇଛି। ଏ ସମ୍ପର୍କରେ ପ୍ରଫୁଲ୍ଲ ଘଡେଇଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ୟାନର କିଏ ମାରିଛି, କାହିଁକି ମାରିଛି ସେ ସମ୍ପର୍କରେ ତାଙ୍କୁ କିଛି ଜଣାନାହିଁ। ଯାଜପୁରରୋଡରୁ ଜଣେ ଦୁଇଜଣ ଏ ସଂକ୍ରାନ୍ତରେ ପଚାରିଛନ୍ତି। ମୋର କୌଣସି ଶୁଭେଚ୍ଛୁ କିମ୍ବା ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇବାକୁ କେହି ବ୍ୟାନର ମାରିଥିବେ। ଏ ସଂକ୍ରାନ୍ତରେ ସେ ନିଜେ ବି ତଦନ୍ତ କରୁଛନ୍ତି। ସେ ଏବେ ବିଜେଡିରେ ନାହାନ୍ତି। କିନ୍ତୁ ବିଜେଡି ପାଇଁ ସବୁବେଳେ କାମ କରୁଛନ୍ତି। ଯିଏ ଯେତେବେଳେ ସାହାଯ୍ୟ ମାଗିଛି ଯଥା ସମ୍ଭବ ସେ ସହଯୋଗ କରି ଆସୁଛନ୍ତି। ଏକ ଘରୁ ୨ଜଣ ପ୍ରାର୍ଥି ହେବା ସପକ୍ଷରେ ବି ସେ ନାହାନ୍ତି। ସେ ଚାହାନ୍ତି ନାହିଁ ତାଙ୍କ ବ୍ୟାନର କେଉଁଠି ଲାଗୁ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ପର୍ଯ୍ୟନ୍ତ ଲୋକଙ୍କ ପାଇଁ ସେ କାମ କରିବେ ବୋଲି କହିଛନ୍ତି।

### ପୋଲିସ କବ୍ଜାରେ ଏଟିଏମ୍ ଲୁଟେରା
## ବାଇକ୍, ୧୧ ଏଟିଏମ୍ କାର୍ଡ ଜବତ

ରସୁଲପୁର,୨୨।୧୦(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତ ଦନେଇପୁର ଗାଁରୁ ଜଣେ ପେଶାଦାର ଏଟିଏମ୍ ଲୁଟେରାଙ୍କୁ ଧର୍ମଶାଳା ପୋଲିସ ଗିରଫ କରିଛି। ଗିରଫ ଲୁଟେରା ଦେବେନ୍ଦ୍ର ଦାସ (୨୧) ବୋଲି ଜଣାପଡ଼ିଛି। ଲୁଟେରାଙ୍କ ନିକଟରୁ ପୋଲିସ ଗୋଟିଏ ପଲସର ବାଇକ୍, ୧୧ଟି ନକଲି ଏଟିଏମ କାର୍ଡ ଜବତ କରିଛି। ଗତ ମାସ କେଇଟା ମଧ୍ୟରେ ବାରବାଟୀସ୍ଥିତ ଏସ୍‌ବିଆଇ ଏଟିଏମ୍‌ରୁ ବାରମ୍ବାର ଚୋରି ହେଉଥିଲା। ଗତ ଗୁରୁବାର ଏଟିଏମରୁ ଲୁଟ ଉଦ୍ୟମ ହୋଇଥିଲା। ଏଟିଏମ ଲୁଟ୍ ଉଦ୍ୟମ ହେବା ସମୟରେ ସାଇରନ ବାଜିଥିଲା। ଦୁର୍ଗାପୂଜା ଅବସରରେ ବଜାରରେ ପାଟ୍ରୋଲିଂ କରୁଥିବା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲା। ଏହା ଦେଖି ଲୁଟେରା ବାଇକ୍‌ଟିକୁ ଛାଡି ପଳାଇ ଯାଇଥିଲା। ପୋଲିସ ବାଇକ୍‌ଟିକୁ ଜବତ କରିବା ପରେ ଏଟିଏମରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ଲୁଟେରାକୁ ଚିହ୍ନଟ କରିଥିଲା। ଦେବେନ୍ଦ୍ର ବାରବାଟୀ ବଜାର ନିକଟସ୍ଥ କୁଆଖିଆ ଥାନା ଅଧିନସ୍ଥ ଦନେଇପୁର ଗାଁର ମାମୁଁ ଘରେ ରହୁଥିବା ପୋଲିସ ଜାଣିବାକୁ ପାଇଥିଲା। ରବିବାର ରାତିରେ ପୋଲିସ ପକ୍ଷରୁ ଚଢାଉ କରାଯାଇ ଲୁଟେରାକୁ ଗିରଫ କରାଯାଇଥିଲା। ଏ ସମ୍ପର୍କରେ ପୋଲିସ ଥାନାରେ ଏକ ମାମଲା (ନଂ-୪୦୦/୧୮) ରୁଜୁ କରିଛି।

■ ବେଆଇନ ଗର୍ଭପାତ ବେଳେ ମା',ଶିଶୁ ମୃତ୍ୟୁ ଘଟଣା

## ମୁଖ୍ୟ ଚିକିତ୍ସାଳୟ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ

ବିରଜାକ୍ଷେତ୍ର,୨୨।୧୦(ଡି.ଏନ୍.ଏ)

ଯାଜପୁର ମୁଖ୍ୟ ଚିକିତ୍ସାଳୟ ପ୍ରସୂତୀ ବିଭାଗରେ ଗତ ୨୦ ତାରିଖ ଜଣେ ୬ମାସର ଅନ୍ତଃସତ୍ତ୍ୱା ଥିବା ଯୁବତୀଙ୍କର ଗର୍ଭପାତ କରାଯିବା ବେଳେ ମା' ଓ ଶିଶୁ ମୃତ୍ୟୁବରଣ କରିଥିଲେ। ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ଜଣେ ମହିଳା ଦଲାଲ ଓ ନର୍ସଙ୍କ ସହଯୋଗରେ ଜୋରଜବରଦସ୍ତ ଗର୍ଭପାତ କରୁଥିବା ବେଳେ ଏଭଳି ଘଟଣା ଘଟିଥିଲା। ଏନେଇ ମୃତ ଯୁବତୀଙ୍କ ପରିବାର ପକ୍ଷରୁ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ ଏକ ମାମଲା (୪୦୩/୧୮) ରୁଜୁ କରି ଘଟଣାର ତଦନ୍ତ ଚାଲୁ ରଖିଥିବା ବେଳେ ବେଆଇନ ଗର୍ଭପାତରେ ସମ୍ପୃକ୍ତ ଥିବା ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟ ଚିକିତ୍ସାଳୟ ପ୍ରଶାସନ ପକ୍ଷରୁ ସୋମବାରଠାରୁ ତଦନ୍ତ ଆରମ୍ଭ ହୋଇଛି। ଏକ କମିଟି ଏହି ଘଟଣାର ତଦନ୍ତ କରିବା ପରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ତଦନ୍ତ ତଥ୍ୟ ପ୍ରଦାନ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିଶ କରାଯିବ ବୋଲି ଯାଜପୁର ମୁଖ୍ୟ ଚିକିତ୍ସାଧିକାରୀ ବାରିସ କୁମାର ଦାସ ସୂଚନା ଦେଇଛନ୍ତି।

ସୂଚନା ଯେ, ଧର୍ମଶାଳା ଥାନା ବ୍ରହ୍ମବରଦା କୋଠଡିହ ଗ୍ରାମର ଜଣେ ଯୁବତୀଙ୍କର ସେହି ଗ୍ରାମର ପିଣ୍ଟୁ ଜେନା(୨୫)ଙ୍କ ସହ ପ୍ରେମ ଓ ଶାରୀରିକ ସମ୍ପର୍କ ଥିଲା। ଫଳରେ ଯୁବତୀ ଜଣକ ଅନ୍ତଃସତ୍ତ୍ୱା ହେବାପରେ ପିଣ୍ଟୁ ତାଙ୍କୁ ବାଧରେ ବିବାହ କରିଥିଲେ ହେଁ ସେ ଓ ତାଙ୍କ ପରିବାର ଲୋକେ ଯୁବତୀଙ୍କୁ ଗ୍ରହଣ କରି ନ ଥିଲେ। ଗର୍ଭପାତ କରାଇବା ପରେ ସେମାନେ ତାଙ୍କୁ ଗ୍ରହଣ କରିବେ ବୋଲି କହିଥିଲେ। ୨୦ ତାରିଖ ମଧ୍ୟରାତ୍ରରେ ମହିଳା ଦଲାଲ, ନର୍ସ ଓ ପ୍ରସୂତୀ ବିଭାଗର ଡାକ୍ତରଙ୍କ ସହଯୋଗରେ ଜୋରଜବରଦସ୍ତ ଗର୍ଭପାତ କରାଯିବା ବେଳେ ଉଭୟ ମା' ଓ ନବଜାତ ଶିଶୁର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ୨୧ ତାରିଖ ସକାଳେ ମୁଖ୍ୟ ଚିକିତ୍ସାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା।

### ତିତ୍‌ଲି କ୍ଷତିଗ୍ରସ୍ତ ପରିବାରକୁ ମିଳିଲା ସହାୟତା

ରସୁଲପୁର,୨୨।୧୦(ଡିଏନଏ)

ତିତ୍‌ଲି ଝଡ଼ବର୍ଷା ଯୋଗୁ ରସୁଲପୁର ତହସିଲ ଅନ୍ତର୍ଗତ ସାମନ୍ତରାପୁର ସର୍କଲ ଅଧୀନ ବାଲୁହୁଡା ଗ୍ରାମର ମାଧବ ଚନ୍ଦ୍ର ନାୟକଙ୍କ ଘର ଭାଙ୍ଗିଯାଇଥିଲା। ତାଙ୍କୁ ତହସିଲ ପ୍ରଶାସନ ପକ୍ଷରୁ ସହାୟତା ମିଳିଛି। ତହସିଲଦାର ସରୋଜ କୁମାର ପଣ୍ଡା ମାଧବଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ସହ ପଲିଥିନ ପ୍ରଦାନ କରିଛନ୍ତି। ଘର ନିର୍ମାଣ, ଲୁଗାପଟା, ବାସକୁସନ ପ୍ରଦାନ ନିମନ୍ତେ ସରକାରୀ ସହାୟତା ପାଇଁ ରିପୋର୍ଟ ପ୍ରଦାନ କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନଙ୍କ ପକ୍ଷରୁ ସହାୟତା ଆସିଲା ପରେ ମାଧବଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ପଣ୍ଡା ପ୍ରକାଶ କରିଛନ୍ତି।

## ଚିରନ୍ତନୀର ପୂଜା ବିଶେଷାଙ୍କ ଲୋକାର୍ପିତ



ଚିରନ୍ତନୀର ପତ୍ରିକାକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ଯାଜପୁର ଅଫିସ,୨୨।୧୦

ଯାଜପୁରରୋଡରୁ ପ୍ରକାଶିତ ପ୍ରଗତିଶୀଳ ପାରିବାରିକ ସାହିତ୍ୟ ପତ୍ରିକା ଭାଷା ସାହିତ୍ୟ ପ୍ରବାହ ଚିରନ୍ତନୀର ପୂଜା ବିଶେଷାଙ୍କକୁ ଜିଲାପାଳ ରଞ୍ଜନ କୁମାର ଦାସ ସୋମବାର ଲୋକାର୍ପଣ କରିଛନ୍ତି। ଚିରନ୍ତନୀ ଭାଷା ସାହିତ୍ୟକୁ ଅଧିକ ଋଦ୍ଧିମନ୍ତ କରିବା ସହ ନୂତନ ପ୍ରତିଭା ସୃଷ୍ଟି ଦିଗରେ ସହାୟକ ହେବ ବୋଲି ଜିଲାପାଳ ଦାସ ଆଶା ପ୍ରକଟ କରିଛନ୍ତି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଡିପିସି ବିଷ୍ଣୁଚରଣ ସୂତାର, ଅନନ୍ୟାର ସଭାପତି ସନ୍ତୋଷ ନନ୍ଦ, ବନବିହାରୀ ମହାପାତ୍ର, ଭାସ୍କରଚନ୍ଦ୍ର ମହାନ୍ତି, ନବକିଶୋର ଦାସ, ଚିରନ୍ତନୀର ସମ୍ପାଦିକ ସଂଯୁକ୍ତା ମହାପାତ୍ର, ପ୍ରକାଶକ ନାରାୟଣପ୍ରସାଦ ପତି, ଦୟାନିଧି ନାୟକ, ହୃଷିକେଶ ପତି, ଗୀତା ଜାଗରଣ ପରିଷଦର ପ୍ରତିମା କର ପ୍ରମୁଖ ଯୋଗ ଦେଇଥିଲେ।

## ଅପହୃତା ନାବାଳିକା ଉଦ୍ଧାର

ବିଞ୍ଝାରପୁର,୨୨।୧୦(ଡି.ଏନ.ଏ)

ବିଞ୍ଝାରପୁର ଥାନା ଅନ୍ତର୍ଗତ କଏଣା-ରଘୁନାଥପୁର ପଞ୍ଚାୟତ ସୟଦପୁର ଗ୍ରାମରେ ଅପହୃତ ହୋଇଥିବା ଜଣେ ଦଳିତ ନାବାଳିକାଙ୍କୁ ବିଞ୍ଝାରପୁର ପୋଲିସ ସୋମବାର ଉଦ୍ଧାର କରିଛି। ପ୍ରକାଶ ଯେ, ସୟଦପୁର ଗ୍ରାମର କାଳନ୍ଦି ମଲ୍ଲିକ ସେହି ପଞ୍ଚାୟତ ବାଙ୍କିପାଳ ଗ୍ରାମର ଜଣେ ଦଳିତ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦଶହରା ଦିନ ଅପହରଣ କରିନେଇଥିବା ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଥିଲା। ବିଞ୍ଝାରପୁର ପୋଲିସ ରବିବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କ ବାସଭବନରେ ଚଢାଉ କରି ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପୋଲିସ ପକ୍ଷରୁ ଏକ ମାମଲା (ନଂ ୨୪୭/୧୮) ରୁଜୁ କରାଯାଇ ନାବାଳିକାଙ୍କ ଡାକ୍ତରୀମାଇନା କରାଯିବା ସହ ଅଭିଯୁକ୍ତ କଳନ୍ଦୀଙ୍କୁ ଗିରଫ କରିଥିବା ଜଣାପଡିଛି।

## ସ୍ୱର ଧ୍ୱନୀ ଭଜନ ସମାରୋହ ଉତ୍ସବ

ବିରଜାକ୍ଷେତ୍ର, ୨୨।୧୦(ଡି.ଏନ୍.ଏ)

ମା'ଦୁର୍ଗା ପୂଜାମଣ୍ଡପ, କଟିକଟାଠାରେ ରବିବାର ସ୍ୱର ଧ୍ୱନି ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରିୟରଞ୍ଜନ ଦାସ, ସମ୍ପାଦକ ହିତେନ୍ଦ୍ର କୁମାର ରଣା, କୋଷାଧକ୍ଷ ଦୀପକ କୁମାର ରଣା ଓ ପୂଜା କମିଟିର ସମସ୍ତ ସଦସ୍ୟା ସଦସ୍ୟବୃନ୍ଦ ଭଜନ ସମାରୋହ ଆୟୋଜନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଶରତ କୁମାର ସାହୁ ଓ ଉପସ୍ଥାପକ ଯୁଗଳ କିଶୋର ସାହୁ, ନମ୍ରତା ରାଉତ, କବିତା ସାହୁ, ଜିତେନ୍ଦ୍ର ସେଠୀ, ବିଶ୍ୱରଞ୍ଜନ ପ୍ରଧାନ, ବିଜୟ କୁମାର ଘଡ଼ାଇ, ଭଗବାନ ମଲ୍ଲିକ, ପ୍ରକାଶ ଜେନା, ସୁବାସ ମହାନ୍ତି, ନରୋତ୍ତମ ଜେନା, ସର୍ବେଶ୍ୱର ଜେନା ପ୍ରମୁଖ କଳାକାର ସଙ୍ଗୀତ ମାଧମରେ ସମସ୍ତଙ୍କୁ ମୁଗ୍ଧ କରିଥିଲେ। ଶିକ୍ଷା ବିଭାଗ ଡେପୁଟି ଡାଇରେକ୍ଟର ବିଶ୍ୱମ୍ଭର ତରାଇ ସଙ୍ଗୀତ ଆସରକୁ ପରିଦର୍ଶନ କରିଥିଲେ। କୋଷାଧକ୍ଷ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଗାଦେବୀ ମନ୍ଦିରରୁ ଚୋରି ଉଦ୍ୟମ ପଣ୍ଡ

ରସୁଲପୁର,୨୨।୧୦(ଡିଏନଏ)

ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଦୁର୍ଗାଦେବୀ ମନ୍ଦିରରୁ ଚୋରି ଉଦ୍ୟମ ପଣ୍ଡ ହୋଇଛି। ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ମନ୍ଦିରର ମୁଖ୍ୟ ଫାଟକ ଭାଙ୍ଗି ମନ୍ଦିରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ମୁଖ୍ୟ ଫାଟକର ଚାବି ଭାଙ୍ଗି ଦେଇଥିଲେ। ମାତ୍ର ମନ୍ଦିର ଭିତର ଫାଟକ ଭାଙ୍ଗିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଫଳରେ ମା' ଦୁର୍ଗାଦେବୀ ପିନ୍ଧିଥିବା ଅଳଙ୍କାର, ପିତ୍ତଳ ବାସନ ଓ ପୂଜା ବାସନ ଆଦି ଚୋରି ହୋଇପାରି ନ ଥିଲା। ଏ ନେଇ କମିଟି ପକ୍ଷରୁ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି।

■ ମହଙ୍ଗା ପଡ଼ିଲା ମିସ୍‌ଡ କଲ୍ ପ୍ରେମ

## ଦଳିତ ବୋଲି ଜାଣିବା ପରେ ପ୍ରେମିକାଙ୍କୁ ପ୍ରତାରଣା

ବିଞ୍ଝାରପୁର,୨୨।୧୦(ଡି.ଏନ.ଏ)

ମିସ୍‌ଡ କଲରୁ ପ୍ରେମ। ଆଉ ଏହି ପ୍ରେମକୁ ସାକାର କରିବା ପାଇଁ ଘରଦ୍ୱାର ଛାଡି ପ୍ରେମିକ ନିକଟରେ ପହଞ୍ଚି ଥିଲା ପ୍ରେମିକା। କିନ୍ତୁ ଜାତିପ୍ରଥା ବାଧା ସୃଷ୍ଟି କରିଥିଲା। ପ୍ରେମିକା ଦଳିତ ବୋଲି ଜାଣିବା ପରେ ଦୂରେଇ ଯାଇଥିଲା ପ୍ରେମିକ। ଫଳରେ ଯୁବତୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପ୍ରେମିକକୁ ପୋଲିସ ଗିରଫ କରିଛି। ଏଭଳି ନାଟକୀୟ ଘଟଣା ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରକାଶ ଯେ, ଯାଜପୁର ଜିଲା ଗଡମଧୁପୁର ଥାନା ତଥା ଜେନାପୁର ଅଞ୍ଚଳର ଗୟାଧର ଦାସ ମାସକ ତଳେ ଅନ୍ୟ ଆଡ଼େ ଫୋନ ଲଗାଉଥିବା ବେଳେ ତାହା ବିଞ୍ଝାରପୁର ଥାନା ଅଙ୍ଗାଳ ପଞ୍ଚାୟତର ଜନୈକା ଯୁବତୀଙ୍କ ନିକଟକୁ ମିସ୍‌ଡ କଲ ଚାଲି ଯାଇଥିଲା। ଏହି ମିସ୍‌ଡ କଲରୁ ଗୟାଧର ଓ ଯୁବତୀଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଗପସପ ଓ

**ପ୍ରେମିକ ଗିରଫ**

ପ୍ରେମ। ଉଭୟ ପ୍ରେମିକାପ୍ରେମିକ ବିବାହ କରିବା ପାଇଁ ଗତ ୧୬ତାରିଖରେ ଘର ଛାଡି ପଳାଇ ଯାଇଥିଲେ। ଯିବା ପୂର୍ବରୁ ଯୁବତୀ ଜଣକ ବ୍ୟାଙ୍କ ଆକାଉଣ୍ଟରେ ରଖିଥିବା ୧୫ହଜାର ଟଙ୍କା, ସୁନା ଚେନ ଓ ମୁଦି ସାଙ୍ଗରେ ନେଇ ଯାଇଥିଲେ। ଉଭୟ କିଛିଦିନ ବାହାରେ ରହିବା ପରେ ଯୁବତୀଜଣକ ଦଳିତ ବୋଲି ଗୟାଧର ଜାଣିବାକୁ ପାଇଥିଲା। ଫଳରେ ସେ ସମ୍ପୃକ୍ତ ଯୁବତୀଙ୍କୁ ବାହାନା କରି ବିଞ୍ଝାରପୁରରେ ଛାଡିଦେଇ ଚାଲିଯାଇଥିଲେ। ଏହି ଖବର ପାଇବା ପରେ ଯୁବତୀଙ୍କ ପରିବାର ଗୟାଧରଙ୍କୁ ପଚରାଉଚରା କରିଥିଲେ। ଗୟାଧର ବିବାହ କରିବାକୁ ମନା କରିବାରୁ ଯୁବତୀଙ୍କ ପରିବାର ତାଙ୍କୁ ଧରି ରବିବାର ସନ୍ଧ୍ୟାରେ ବିଞ୍ଝାରପୁର ଥାନାରେ ଜିମା ଦେଇଥିଲେ। ପୋଲିସ ଏ ନେଇ ଏକ ମାମଲା (୨୪୯/୧୮) ରୁଜୁ କରି ଗୟାଧରଙ୍କୁ ଗିରଫ କରିଛି।

# ମହାସମାଧାନ ଶିବିର ଲକ୍ଷ୍ୟଚ୍ୟୁତ

ରସୁଲପୁର,୨୨।୧୦(ଡିଏନଏ)



**ରସୁଲପୁର ବ୍ଲକ**
- ମହାସମାଧାନ ଶିବିରରେ ବି ହେଲା ଅଭିଯୋଗ ଶୁଣାଣି
- ପୂର୍ବ ଅଭିଯୋଗର ହେଲାନି ତର୍ଜମା

ରସୁଲପୁର ବ୍ଲକ ପରିସରରେ ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ଜିଲାପାଳଙ୍କ ମହାସମାଧାନ ଶିବିର ଲକ୍ଷ୍ୟଚ୍ୟୁତ ହୋଇଥିବା ଆଲୋଚନା ହେଉଛି। ପ୍ରତ୍ୟେକ ସୋମବାର ଯାଜପୁର ଜିଲାପାଳଙ୍କ ପକ୍ଷରୁ ବ୍ଲକ/ ଜିଲା ସଦର ମହକୁମାରେ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଉଛି। ଜିଲାର ବିଭିନ୍ନ ସ୍ଥାନରୁ ଗଦାଗଦା ଅଭିଯୋଗମାନ ଆସୁଛି। ଏହା କେତେଦୂର କାର୍ଯ୍ୟକାରୀ ହେଉଛି, ଅଭିଯୋଗ ଶୁଣାଣିର ସୁଫଳ ଲୋକେ କେତେ ପାଉଛନ୍ତି, ବ୍ଲକ ଓ ପଞ୍ଚାୟତସ୍ତରରେ ଜିଲାପାଳଙ୍କ ଆଦେଶ କାର୍ଯ୍ୟକାରୀ ହେଉଛି କି ନାହିଁ; ଏ ସବୁର ସମୀକ୍ଷା ପାଇଁ ମହାସମାଧାନ ଶିବିର ଆୟୋଜନ କରାଯାଉଛି। ଏହି ଶିବିର ଲକ୍ଷଚ୍ୟୁତ ହେବା ଭଳି ମନେହେଉଛି। ଏହି ଶିବିରର ବାସ୍ତବ ଉଦ୍ଦେଶ୍ୟ କାର୍ଯ୍ୟକାରୀ କରିବାରେ ଜିଲା ପ୍ରଶାସନ ପକ୍ଷରୁ ଆଦୌ ଧ୍ୟାନ ଦିଆଯାଇ ନାହିଁ। ମହାସମାଧାନ ଶିବିରକୁ କେବଳ ଜନ ଅଭିଯୋଗ ଶୁଣାଣିରେ ସୀମିତ ରଖାଯାଇଥିବା ଦେଖିବାକୁ ମିଳୁଛି।

ଯାଜପୁର ଜିଲାର ୧୦ଟି ବ୍ଲକ ଓ ଜିଲା ସଦର ମହକୁମାରେ ଜିଲାପାଳଙ୍କ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଛି। ରସୁଲପୁର ବ୍ଲକରେ ପ୍ରତ୍ୟେକ ୩ମାସ ବ୍ୟବଧାନରେ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହେଉଛି। ଗତ୨୩ ଜୁଲାଇରେ ଏହି ବ୍ଲକର ଅଭିମନ୍ୟୁ ସମାପ୍ତ ସିଂହାର ଭବନରେ ଜିଲାପାଳଙ୍କ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହିକ୍ରମରେ ରସୁଲପୁର ବ୍ଲକରେ ପଞ୍ଚାୟତ ସମିତିରେ ସୋମବାର ଆୟୋଜିତ ମହାସମାଧାନ ଶିବିରରେ ଅଧ୍ୟକ୍ଷା ସାରତୀ ଜେନା ପୌରହିତ୍ୟ କରିଥିଲେ। ଶିବିରଟି ନିର୍ଦ୍ଦିଷ୍ଟ ସମୟଠାରୁ ଅଧଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଜିଲାପାଳ ରଞ୍ଜନ କୁମାର ଦାସ, ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା ପ୍ରମୁଖ ବିଳମ୍ବରେ ଶିବିରରେ ପହଞ୍ଚି ଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ମହାସମାଧାନ ଶିବିରକୁ ପରିଚାଳନା କରିଥିଲେ। ଜିଲାର ପ୍ରଶାସନିକ ଅଧିକାରୀମାନେ ଚିରାଚରିତ ଢଙ୍ଗରେ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଚାଲିଯାଇଥିଲେ। ମାତ୍ର ପୂର୍ବ ଜନ ଅଭିଯୋଗ ଶୁଣାଣି ଶିବିରରେ ହୋଇଥିବା ଅଭିଯୋଗଗୁଡିକର ସଫଳତା ସମ୍ପର୍କରେ ସମୀକ୍ଷା କରିବା ଉପରେ ଗୁରୁତ୍ୱ ଦେଇ ନ ଥିଲେ। ଏହି ବ୍ଲକ ଅଞ୍ଚଳରେ ଆୟୋଜିତ ପୂର୍ବ ଶିବିରରେ ଜିଲାପାଳ, ଏସ୍‌ପି, ଉପଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଭଳି ଜିଲାସ୍ତରୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ପାଳନ କରାଯାଇଛି କି ନାହିଁ, ଯଦି ହୋଇନାହିଁ ତେବେ କେଉଁଠି ଅସୁବିଧା ରହୁଛି ଓ ତାହାର ସମାଧାନ ଆଦି ଉପରେ କୌଣସି ଆଲୋଚନା କରାଯାଇ ନ ଥିଲା। ଶିବିରରେ ନିର୍ଦ୍ଦିଷ୍ଟ ଭାବେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାଶନ କାର୍ଡ, ଘରୋଇ ପାଇଖାନା ଭଳି କେତେଗୁଡ଼ିଏ ବ୍ୟକ୍ତିଗତ ସମସ୍ୟା ଉପରେ ଅଭିଯୋଗକାରୀଙ୍କ ଧାଡି ଲମ୍ବୁଥିବା ଦେଖାଯାଉଛି। ଏ ଦିଗରେ ସମୀକ୍ଷା କରାଯାଉ ନ ଥିବାରୁ ଉପଯୁକ୍ତ ଲୋକ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଅଯୋଗ୍ୟ ହିତାଧିକାରୀ ସରକାରୀ ସହାୟତା ହାତଉଛନ୍ତି। ଯୋଗ୍ୟ ହିତାଧିକାରୀମାନେ ବ୍ଲକରୁ ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡି ଦୌଡି ନିରାଶ ହେଉଛନ୍ତି। ମାତ୍ର ଏ ସବୁ ଦିଗକୁ ଅଣଦେଖା କରାଯାଉଛି। ଜିଲା ପ୍ରଶାସନ ଶିବିରର ବାସ୍ତବ ଲକ୍ଷ୍ୟଠାରୁ ଦୂରେଇ ଯାଇ ପୁଣି ଚିରାଚରିତ ଢଙ୍ଗରେ ଅଭିଯୋଗ ଶୁଣାଣି କରି ଫେରି ଯାଇଛନ୍ତି। ଆୟୋଜିତ ଶିବିରକୁ ମୋଟ ୧୨୬ଟି ଅଭିଯୋଗ ଆସିଥିଲା। ସେଥିରୁ ସାମୂହିକ ସମସ୍ୟାକୁ ନେଇ ୭ଟି, ବ୍ୟକ୍ତିଗତ ୧୧୬ଟି ଅଭିଯୋଗ ଆସିଥିଲା। ୧୧୬ଟି ଅଭିଯୋଗ ମଧ୍ୟରୁ ଅଧିକାଂଶ ଅଭିଯୋଗ ଭତ୍ତା, ସରକାରୀ ଆବାସ, ରେସନକାର୍ଡ ଭଳି କେତୋଟି ସମସ୍ୟାକୁ ନେଇ ଆସିଥିଲା। ଏହାଛଡା ଶିବିରରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଜଣଙ୍କୁ ୨୦ହଜାର, ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୪ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ୫୧ଟି ସମସ୍ୟାକୁ ତତ୍କାଳ ସମାଧାନ କରାଯାଇଛି ବୋଲି କୁହାଯାଇଛି। ଶିବିରକୁ ଜିଲାର ବିଭିନ୍ନ ବିଭାଗର ପଦାଧିକାରୀମାନେ ପ୍ରତିନିଧିତ୍ୱ କରିଥିଲେ। ରସୁଲପୁର ବ୍ଲକର ଭାରପ୍ରାପ୍ତ ବିଡିଓ ଅସିତ୍ କୁମାର ପାତ୍ର ଶିବିରକୁ ପରିଚାଳନା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ମହାସମାଧାନ ଶିବିର ଲକ୍ଷ୍ୟଚ୍ୟୁତ ହେବା ପ୍ରସଂଗରେ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟଙ୍କୁ ପଚାରିବାରୁ, ସେ ଏହି ଅଭିଯୋଗକୁ ସ୍ୱୀକାର କରିଥିଲେ। ଆଗାମୀ ଦିନରେ କିଭଳି ମହାସମାଧାନ ଶିବିରର ଉଦ୍ଦେଶ୍ୟ ସାଧନ ହୋଇପାରିବ, ସେ ଦିଗରେ ଦୃଷ୍ଟି ଦେବେ ବୋଲି କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୩ ଅକ୍ଟୋବର, ୨୦୧୮



ନୀତିବାନ୍ ଲୋକକୁ ପ୍ରଥମେ ଅନେକ ଲୋକ ହିଂସା କରନ୍ତି ଏବଂ ଶତ୍ରୁତା ମଧ୍ୟ ଆଚରଣ କରନ୍ତି, କିନ୍ତୁ ଶେଷରେ ନୀତିର ହିଁ ଜୟ ହୋଇଥାଏ।

- ଟିଲଟ୍‌ସନ



# ନୟାଗଡ଼-ଖଡ଼ଗପୁର ଟ୍ରେନ୍ ବାତିଲ

- ୩ ମାସ ଚାଲିବା ପରେ ବାତିଲ
- ଅସନ୍ତୋଷ ପ୍ରକାଶ କଲେ ଜନସାଧାରଣ
- ନୟାଗଡ଼ ଷ୍ଟେଶନରୁ ପାରାଦୀପକୁ ଚଳାଚଳ ଯୋଜନା

**ନୟାଗଡ଼ ଅଫିସ,୨୨।୧୦**

ଚଳିତବର୍ଷ ଜୁଲାଇ ୩ ତାରିଖରେ ନୟାଗଡ଼ ଟାଉନ ଷ୍ଟେଶନରୁ ଖଡ଼ଗପୁରକୁ ସ୍ପେଶାଲ ପାସେଞ୍ଜର ଟ୍ରେନ୍ ଚଳାଚଳ କରିଥିଲା। ୩ ମାସ ଚାଲିବା ପରେ ସୋମବାର ହଠାତ୍ ଏହି ଟ୍ରେନ୍‌ଟିକୁ ବାତିଲ କରାଯାଇଥିବା ସୂଚନା ମିଳିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ନୟାଗଡ଼ ଟାଉନ ଷ୍ଟେଶନରୁ ସିଧାସଳଖ ଭୁବନେଶ୍ୱରକୁ ଟ୍ରେନ୍ ଚଳାଚଳ ପାଇଁ ଜିଲାର ବିଭିନ୍ନ ସଙ୍ଗଠନ ତରଫରୁ ଦାବି ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ତରଫରୁ ଜୁଲାଇ ୩ ତାରିଖରେ ୦୮୦୦୫ ନମ୍ବର ବିଶିଷ୍ଟ ଖଡ଼ଗପୁର ସ୍ପେଶାଲ ପାସେଞ୍ଜର ଟ୍ରେନ୍ ଚଳାଚଳ କରିଥିଲା। ଉକ୍ତ ଦିନ ବିଭିନ୍ନ ସଙ୍ଗଠନ ତରଫରୁ ଏହାକୁ ସ୍ୱାଗତ କରାଯାଇଥିଲା। ପ୍ରଥମ ଦିନରେ ୨୬ ଜଣ ଯାତ୍ରୀ ଟିକେଟ କାଟିଥିବା ବେଳେ ସେମାନଙ୍କଠାରୁ ଭଡ଼ା ବାବଦରେ ୭୧୫ ଟଙ୍କା ଆଦାୟ କରାଯାଇଥିଲା। ଏହି ଟ୍ରେନ୍‌ଟି ରବିବାର ବ୍ୟତୀତ



ଖଡ଼ଗପୁରକୁ ଯିବା ପାଇଁ ଥିବା ପାସେଞ୍ଜର ଟ୍ରେନ୍‌କୁ ସ୍ୱାଗତ କରାଯାଉଥିବା ଦୃଶ୍ୟ। (ଫାଇଲ୍ ଫଟୋ)

ସପ୍ତାହକୁ ୬ଦିନ ଅପରାହ୍ନ ୨ଟା ୩୦ରେ ନୟାଗଡ଼ରୁ ଖୋର୍ଦ୍ଧା ଅଭିମୁଖେ ଯାତ୍ରା କରି ୩.୫୫ରେ ଖୋର୍ଦ୍ଧା ରୋଡ଼ଠାରେ ପହଞ୍ଚୁଥିଲା। ସେଠାରୁ ଭୁବନେଶ୍ୱର, ବାରଙ୍ଗଠାରୁ ଭାୟା ନରାଜ, କପିଳାସ ରୋଡ଼, ଧାନମଣ୍ଡଳ, ଯାଜପୁର-କେନ୍ଦୁଝର ରୋଡ଼, ମଞ୍ଜୁରି ରୋଡ଼, ବାଲେଶ୍ୱର ଦେଇ ଖଡ଼ଗପୁର ଅଭିମୁଖେ ଚଳାଚଳ କରୁଥିଲା। ଫଳରେ ନୟାଗଡ଼ ଲୋକମାନେ ସିଧାସଳଖ ଭୁବନେଶ୍ୱରକୁ ଯାତାୟାତ କରିପାରୁଥିଲେ। ଖଡ଼ଗପୁର ପାସେଞ୍ଜର ଟ୍ରେନ୍ ବାତିଲ ହେବା ପରେ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ନୟାଗଡ଼ ଟାଉନ ଷ୍ଟେଶନଠାରୁ ପାରାଦୀପକୁ ଏକ ପାସେଞ୍ଜର ଟ୍ରେନ୍ ଚାଲିବ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ନୟାଗଡ଼ ଟାଉନ ଷ୍ଟେଶନରୁ ଏହି ପାସେଞ୍ଜର ଟ୍ରେନ୍ ପାରାଦୀପକୁ ସକାଳ ୭ଟାରେ ଛାଡ଼ିବ। ଷ୍ଟେଶନରେ ଗୋଟିଏ ପ୍ଲାଟଫର୍ମ ଯୋଗୁ ଅସୁବିଧା ହେଉଥିବାରୁ ଆଉ ଗୋଟିଏ ପ୍ଲାଟଫର୍ମ ହେଲା ପରେ ଏହା ଚାଲିବ ବୋଲି ସୂଚନା ମିଳିଛି। ଏ ନେଇ ଷ୍ଟେଶନ ମାଷ୍ଟର ସରୋଜ କୁମାର ରାଉତରାୟଙ୍କୁ ପଚାରିବାରୁ ସେ କହିଥିଲେ, ପାସେଞ୍ଜର ନ ହେବା ଯୋଗୁ ଖଡ଼ଗପୁର ଟ୍ରେନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାତିଲ କରାଯାଇଛି। ସେହିଭଳି ପାରାଦୀପକୁ ଏକ ଟ୍ରେନ୍ ଚଳାଚଳ ପାଇଁ ପ୍ରସ୍ତାବ ଦିଆଯାଇଥିବା ବେଳେ ଏ ନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ସୂଚନା ଦେଇଥିଲେ। ପ୍ରକାଶ ଯେ ୧୯ ଜୁନ୍ ୨୦୧୭ରେ ରେଳ ମାନଚିତ୍ରରେ ନୟାଗଡ଼ ସ୍ଥାନ ପାଇଥିଲା। ଏହି ଦିନଠାରୁ ଦୁଇଟି ଟ୍ରେନ୍ ନୟାଗଡ଼ ଟାଉନ ଷ୍ଟେଶନରୁ ଖୋର୍ଦ୍ଧା ରୋଡ୍ ଦେଇ ସିଧାସଳଖ ପୁରୀକୁ ଚଳାଚଳ କରୁଛି।

# ଶିବମନ୍ଦିରରୁ ଚୋରି

**ରଣପୁର, ୨୨।୧୦(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ଥାନା ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ନରସିଂହପୁର ଗ୍ରାମରେ ଥିବା ବାଲୁଙ୍କେଶ୍ୱର ଦେବ ଶିବ ମନ୍ଦିରରୁ ରବିବାର ମଧ୍ୟରାତ୍ରରେ ଚୋରି ହୋଇଛି। ଲୁଟେରାମାନେ ମନ୍ଦିରର ତାଲାଭାଙ୍ଗି ଠାକୁରଙ୍କର ଥିବା ସମସ୍ତ ଆସବାବପତ୍ର ସହ ହୁଣ୍ଡି ଭାଙ୍ଗି ନଗଦ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଚୋରି ସାମଗ୍ରୀର ଅନୁମାନିକ ମୂଲ୍ୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାଯାଇଛି । ଏ ନେଇ ସୋମବାର ମନ୍ଦିରର ପୂଜକ ବିଘ୍ନରାଜ ତ୍ରିପାଠୀଙ୍କ ପକ୍ଷରୁ ରଣପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ପୋଲିସ ୨୧୬/୧୮ରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲେ ମଧ୍ୟ ଲୁଟେରାଙ୍କ ସନ୍ଧାନ ମିଳିନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ।

ପ୍ରକାଶ ଯେ, ନରସିଂହପୁର ଗ୍ରାମ ମୁଣ୍ଡରେ ଥିବା ବାବା ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରରେ ପ୍ରତ୍ୟେକ ଦିନ ଭଳି ରବିବାର ପୂଜକ ବିଘ୍ନରାଜ ପୂଜା କାର୍ଯ୍ୟ ସାରି ମନ୍ଦିରରେ ତାଲା ପକାଇ ଅପରାହ୍ନ ୫ଟାରେ ଘରକୁ ଫେରିଥିଲେ । ସୋମବାର ସକାଳୁ ମନ୍ଦିରକୁ ଆସିଥିବାବେଳେ ମନ୍ଦିର ମୁଖ୍ୟ କବାଟର ତାଲା ଭଙ୍ଗାଯିବା ସହ ଠାକୁରଙ୍କର ସୁନା, ରୁପା ଅଳଙ୍କାର ଚୋରି ହୋଇଥିବା ଓ ମନ୍ଦିର ଭିତରେ ଥିବା ହୁଣ୍ଡି ବାକ୍ସ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ମନ୍ଦିରରେ ପହଞ୍ଚି ଠାକୁରଙ୍କ ଅଳଙ୍କାର, ଗରା, ଡାଳ, ଘଣ୍ଟି, ଘଣ୍ଟା, ଏକ ମାଇକ୍ ସାଉଣ୍ଡ ବକ୍ସ ସହିତ ହୁଣ୍ଡି ଭଙ୍ଗାଯାଇ ସେଥିରେ ଥିବା ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଦାନ ଟଙ୍କା କୌଣସି ଦୁର୍ବୃତ୍ତ ଲୁଟି ନେଇଥିବା ଜାଣିବାକୁ ପାଇଥିଲେ । ଗ୍ରାମବାସୀଙ୍କ ସହଯୋଗ କ୍ରମେ ମନ୍ଦିରର ପୂଜକ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ସୂଚନାଯୋଗ୍ୟ, ଗତ ବର୍ଷ ମଧ୍ୟ ଅକ୍ଟୋବର ମାସରେ ଗୋପାଳପୁର ଶିବମନ୍ଦିରରୁ ଦୁର୍ବୃତ୍ତମାନେ ସମାନ ଢଙ୍ଗରେ ଲୁଟ୍ କରିଥିଲେ ।

## ସଂକ୍ଷେପରେ

### ସମସ୍ତଙ୍କ ପାଇଁ ଶିକ୍ଷା ଶୀର୍ଷକ ସଚେତନତା 'ଶିକ୍ଷା ହିଁ ବିକାଶର ଚାବିକାଠି'



**ଖଣ୍ଡପଡା,୨୨।୧୦(ସ୍ୱ.ପ୍ର.):** ଶିକ୍ଷା ହିଁ ବିକାଶର ଚାବିକାଠି ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଶିକ୍ଷା ଅପରିହାର୍ଯ୍ୟ । କିଟ୍ ଓ କିସ୍ ଅନୁଷ୍ଠାନ ପକ୍ଷରୁ ସୋମବାର ଖଣ୍ଡପଡା ସହରର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ 'ସମସ୍ତଙ୍କ ପାଇଁ ଶିକ୍ଷା' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଉପରୋକ୍ତ ମତ ଦେଇଥିଲେ । ପ୍ରଫେସର ଶରତ ଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ଗିରିଜାଶଙ୍କର ତରାସିଆ ମୁଖ୍ୟଅତିଥି, ପ୍ରଫୁଲ୍ଲ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଜଗଦୀଶ ପ୍ରସାଦ ମହାପାତ୍ର ଯୋଗଦେଇ ଶିକ୍ଷାଦାନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କିଟ୍‌ର ବରିଷ୍ଠ ଅଧିକାରୀ ଅଶୋକ ସାହୁ, ପ୍ରଫେସର ନଚିକେତା ତରାସିଆ, ନବକିଶୋର ଦାଶ, କନିଷ୍ଠଯନ୍ତ୍ରୀ ଅମ୍ବିକା ଚରଣ ପଟ୍ଟନାୟକ, ସୁବାସ ଚନ୍ଦ୍ର ଗଣ୍ଡିଆ, ଭାଗୀରଥି ପଣ୍ଡା ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷାବିତ୍ ଦାମୋଦର ଶତପଥୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକଙ୍କୁ କିମ୍‌ସ ପକ୍ଷରୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା।

### ନୟାଗଡ଼ରେ ପହଞ୍ଚିଲା ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘର ପଦଯାତ୍ରା



**ନୟାଗଡ଼ ଅଫିସ,୨୨।୧୦:** ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ନୂଆପଡ଼ା ଜିଲା ସିନାପାଲି ବ୍ଲକରୁ ବାହାରିଥିବା ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘ ସୋମବାର ନୟାଗଡ଼ରେ ପହଞ୍ଚିଛି। ଅପରାହ୍ନ ୫ଟାରେ ମହାସଂଘ ସଦସ୍ୟମାନେ ପହଞ୍ଚିବା ପରେ ରୋଟାରୀ କ୍ଲବ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ ସରକାରୀ କର୍ମଚାରୀ ଓ ଜନପ୍ରତିନିଧି ସେମାନଙ୍କ ୬ରୁ ୧୪ ବର୍ଷର ଶିଶୁମାନଙ୍କୁ ସରକାରୀ ବିଦ୍ୟାଳୟରେ ପଢ଼ାଇବା ପାଇଁ ବାଧ୍ୟତାମୂଳକ ଆଇନ କାର୍ଯ୍ୟକାରୀ କରିବା, କର୍ମଚାରୀଙ୍କ ଲାଗି କାର୍ଯ୍ୟରତ ସ୍ଥାନରେ ରହିବା ବ୍ୟବସ୍ଥା, ସରକାରୀ କର୍ମଚାରୀ ଓ ଜନପ୍ରତିନିଧି ଯଦି ଘରୋଇ ବିଦ୍ୟାଳୟରେ ସେମାନଙ୍କ ଶିଶୁଙ୍କୁ ପଢ଼ାଇବେ ତେବେ ଉକ୍ତ ଛାତ୍ରୀଛାତ୍ରଙ୍କୁ ସରକାରୀ ଚାକିରି କ୍ଷେତ୍ରରେ ପ୍ରାଥମିକତା ଦିଆ ନ ଯିବା ଭଳି ୩ ଦଫା ଦାବି ନେଇ ମହାସଂଘ ପଦଯାତ୍ରା କରୁଛି। ଆସନ୍ତା ୩୧ ତାରିଖରେ ମହାସଂଘ ସଦସ୍ୟମାନେ ଭୁବନେଶ୍ୱରରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିବେ। ଶିକ୍ଷା ଆନ୍ଦୋଳନ ମହାସଂଘର ଆବାହକ ତଥା ରାଜ୍ୟ ସଂଯୋଜକ ସୁରଥ ବେହେରାଙ୍କ ନେତୃତ୍ୱରେ ବାହାରିଥିବା ପଦଯାତ୍ରାରେ କ୍ଷୀରସିନ୍ଧୁ ସଗରିଆ, ସୁଭାଷ ଘିଭେଲା ପ୍ରମୁଖ ସାମିଲ ହୋଇଛନ୍ତି।

### ରାମନାଟକ ଶୋଭାଯାତ୍ରାରେ ଗଣ୍ଡଗୋଳ
### ପ୍ରସାଦ ବଣ୍ଟନକାରୀ ଗୁରୁତର, ଜଣେ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୨୨।୧୦(ଡି.ଏନ.ଏ.):** ଟାଙ୍ଗୀ ଥାନା ମଙ୍ଗଳାଯୋଡ଼ି ଗ୍ରାମରେ ରାମନାଟକ ଉତ୍ସବ ଶେଷ ହୋଇଛି। ସୋମବାର ଶିଶୁ କଳାକାରମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଥିବା ବେଳେ ଗଣ୍ଡଗୋଳ ଘଟିଛି । ପୋଲିସ ସୂତ୍ରରୁ ଜଣାପଡିଛି ଯେ, ଶୋଭାଯାତ୍ରା ବେଳେ ପ୍ରସାଦ ବଣ୍ଟନ କରୁଥିବା ପବିତ୍ର ବେହେରାଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଥିଲା । ଠେଙ୍ଗା, ତେଣ୍ଟା ଓ ଖଣ୍ଡା ଇତ୍ୟାଦି ମାରଣାସ୍ତ୍ର ଧରି ସେହି ଗ୍ରାମର ଭରତ ବେହେରା, କୁମାରୀ ବେହେରା, ଶିଲୁ ବେହେରା ଓ କଳ୍ପନା ବେହେରା ପବିତ୍ରଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଶିଲୁ ଖଣ୍ଡାରେ ପବିତ୍ରଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ସେ ଗୁରୁତର ଭାବେ ଆହତ ହୋଇ ତଳେ ପଡିଯାଇଥିଲେ। ତେବେ ଉପସ୍ଥିତ ଲୋକଙ୍କ ସହଯୋଗକ୍ରମେ ତାଙ୍କୁ ତୁରନ୍ତ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ପରେ ଭୁବନେଶ୍ୱରରେ ଚିକିତ୍ସା କରାଯାଇଛି। ଟାଙ୍ଗୀ ଥାନାରେ ଆହତଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ଲିଖିତ ଏତଲା ଦେବାପରେ ପୋଲିସ କୁମାରୀ ବେହେରାଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି। ପୋଲିସ ଅଧିକାରୀ ଏନ୍ ସାମନ୍ତରାୟ ଉକ୍ତ ମାମଲାର ତଦନ୍ତ କରୁଛନ୍ତି।

## ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି
# ୨୮ ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଦେଶ

**ଗଣିଆ,୨୨।୧୦(ଡି.ଏନ.ଏ.)**

ଗଣିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ସୋମବାର ନୟାଗଡ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଜିଲାପାଳ ଏନ୍.ତିରୁମାଲା ନାୟକ ମୋଟ ୨୮ ଅଭିଯୋଗର ଶୁଣାଣି କରି ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ୨୮ ଅଭିଯୋଗ ମଧ୍ୟରେ ପାନୀୟଜଳ, ରାଶନ କାର୍ଡ, ବିଦ୍ୟୁତ ଯୋଗାଣ, କୃଷି ଓ ଉଦ୍ୟାନ କୃଷି ସଂକ୍ରାନ୍ତୀୟ ଅଭିଯୋଗ ରହିଥିଲା । ତେବେ ସରକାର କୃଷି ଓ କୃଷକଙ୍କ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଗଣିଆ ବ୍ଲକରେ କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀଙ୍କ ଅବହେଳା ଯୋଗୁ ଚାଷୀମାନେ ଅବହେଳିତ ହେଉଥିବା ଏହି ଶିବିରରେ ଅଭିଯୋଗ ହୋଇଥିଲା । ଗଣିଆ ବ୍ଲକ ପାଣ୍ଡରାସିଂହା ଗ୍ରାମର ଚାଷୀମାନେ କାଜୁ ଓ ପାମ୍ ଅଏଲ ଗଛ ଲଗାଇ ବହୁ ଦିନ ଧରି ପ୍ରାପ୍ୟ ପାଇପାରିନଥିବା ଅଭିଯୋଗ ହୋଇଥିଲା। ସେହିପରି





ଜିଲାପାଳଙ୍କ ନିକଟରେ ଲୋକେ ଅଭିଯୋଗ କରୁଛନ୍ତି ।

କିଶୋରପ୍ରସାଦ ପଞ୍ଚାୟତ ପତଣ୍ଡା ଗ୍ରାମର ତ୍ରିନାଥ ବେହେରା ଓ ରାସଙ୍ଗ ପଞ୍ଚାୟତ ହଟିଆପଲ୍ଲୀ ଗ୍ରାମର ତ୍ରିନାଥ ନାୟକ ଗତ ୨୦୧୭ ମସିହାରୁ କୃଷି ବୀମା ଅର୍ଥ ପାଇ ନ ଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ବ୍ଲକ କୃଷି ଅଧିକାରୀ ଏ ସମ୍ପର୍କରେ ଆମେ କିଛି ଜାଣିନାହୁଁ ବୋଲି କହିଥିଲେ । କୃଷି ଅଧିକାରୀଙ୍କ ଏପରି ମନ୍ତବ୍ୟରୁ ଗଣିଆ ବ୍ଲକରେ କୃଷି ବିଭାଗ କୃଷକମାନଙ୍କ ପାଇଁ କିପରି କାର୍ଯ୍ୟ କରୁଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି । ଏହି ଶିବିରରେ ଉପ ଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ, ପିଡି ଡିଆରଡିଏ ଅନାମ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଫନୀନ୍ଦ୍ର କୁମାର ପାଣିଗ୍ରାହୀ, ଜିଲା ଆପାତକାଳୀନ ଅଧିକାରୀ ଧୋବା ନାୟକ, ଗଣିଆ ବିଡିଓ ସରୋଜ କୁମାର ନାୟକ,ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଜିଲା ଶିକ୍ଷା ଅଧିକାରୀ ଅଭୟ କୁମାର ମଲ୍ଲିକ ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ ।

## ଗୋଚର ଜମି ଜବରଦଖଲ ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା), ୨୨।୧୦(ଡି.ଏନ.ଏ.)**

ଟାଙ୍ଗୀ ତହସିଲ ଅନ୍ତର୍ଗତ ରତନପୁର ମୌଜାରେ ୨ ଏକର ପରିମିତ ସରକାରୀ ଗୋଚର ଜମି ଜବରଦଖଲ ଅଭିଯୋଗ ହୋଇଛି। ଫଳରେ ଗୃହପାଳିତ ପ୍ରାଣୀଙ୍କ ଚରାଭୂମିର ସମସ୍ୟା ସୃଷ୍ଟିହୋଇଛି। ଏହାକୁ ବିରୋଧ କରି ଗ୍ରାମବାସୀ ପ୍ରଶାସନ ନିକଟରେ ଲିଖିତ ଦରଖାସ୍ତ କରିଥିବା ଜଣାପଡିଛି । ଖାତା ନଂ - ୯୪୦, ପ୍ଲଟ ନଂ ୨୦୧୫ରେ ଥିବା ଉକ୍ତ ଗୋଚର ଜମିକୁ ସୋରଣ ଗ୍ରାମର ପ୍ରଭାତ ରାଉତରାୟ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ କରାଇ ତାର ବାଡ଼ ଦେଇ ଜବରଦଖଲ କରିଥିବା ଅଭିଯୋଗ ହୋଇଛି । ଏଭଳି ବେଆଇନ କାର୍ଯ୍ୟ ବିରୋଧରେ ରତନପୁର ସରପଞ୍ଚ କୁହୁଡି ରାଜସ୍ୱ ନିରୀକ୍ଷକ, ଟାଙ୍ଗୀ ତହସିଲଦାର, ଖୋର୍ଦ୍ଧା ଜିଲାପାଳ ଓ ଖୋର୍ଦ୍ଧା ବିଧାୟକଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଜବରଦଖଲ ତୁରନ୍ତ ହଟାଇଦିଆ ନ ଗଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଧାୟକଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ କର୍ମୀ

**ରଣପୁର,୨୨।୧୦(ସ୍ୱ.ପ୍ର.)**

ଆଉ କିଛି ମାସ ପରେ ରାଜ୍ୟରେ ବିଧାନ ସଭା ନିର୍ବାଚନ ଅନୁଷ୍ଠିତ ହେବ। ଏବେଠାରୁ ପ୍ରତ୍ୟେକ ଦଳ ପକ୍ଷରୁ ରଣକୌଶଳ ପ୍ରୟୋଗ କରାଯିବା ସହିତ ନେତାମାନେ ନିଜ ନିଜ ଦଳକୁ ସ୍ୱଦୃଢ କରିବା ପାଇଁ କର୍ମୀମାନଙ୍କୁ ଧରି ବୈଠକ ଆୟୋଜନ କରୁଛନ୍ତି। ଏ ପରିପ୍ରେକ୍ଷୀରେ ନୟାଗଡ ଜିଲା ରଣପୁର ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ବିଧାୟକଙ୍କୁ ବିରୋଧର ସ୍ୱର ଉଠିଛି, ଯାହାକି ଆଗାମୀ ନିର୍ବାଚନରେ ଦଳ ପ୍ରତି ପ୍ରତିକୂଳ ପ୍ରଭାବ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି।

ରଣପୁର ନିର୍ବାଚନମଣ୍ଡଳୀର ମୟୂରଝାଲିଆ, ଝାଡପଡା ଦୁଇଟି ପଞ୍ଚାୟତର ନେତୃବୃନ୍ଦ ଓ କର୍ମୀମାନେ ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ସୋମବାର ମୟୂରଝାଲିଆ ମହାବିଦ୍ୟାଳୟର ଶ୍ରେଣୀ ଗୃହରେ ଏକ ବୈଠକ ଆୟୋଜନ କରିଥିଲେ। ଏଥିରେ ବିଜେଡିର ବରିଷ୍ଠ ନେତା ସିଦ୍ଧାର୍ଥ ପଣ୍ଡା, ଯୁବନେତା ସ୍ୱର୍ଣ୍ଣପ୍ରକାଶ ରାଉତରାୟ, ରଣପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷା ମିନତୀ ସାହୁ, ମୟୂରଝାଲିଆ ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ଜେନାଙ୍କ ସମେତ ବହୁ ବରିଷ୍ଠ ବିଜେଡି ନେତା ଓ ଶତାଧିକ କର୍ମୀ ଯୋଗଦେଇଥିଲେ । ଏହି ବୈଠକରେ ଆଗାମୀ ଦିନରେ ବିଧାୟକଙ୍କୁ ସହଯୋଗ କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ବିଜେଡିର ବରିଷ୍ଠ ନେତା ସିଦ୍ଧାର୍ଥ ପଣ୍ଡାଙ୍କୁ ପଚାରିବାରୁ ସେ କୁହନ୍ତି, ଦଳୀୟ କର୍ମୀ ଓ ନେତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକଙ୍କ କାର୍ଯ୍ୟକଳାପ ଉପରେ କର୍ମୀ ଓ ନେତାମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ବିରୋଧର ସ୍ୱର ଉଠାଇଥିଲେ । ପୂର୍ବତନ ରଣପୁର ବ୍ଲକ୍ ଯୁବ ସଭାପତି ସ୍ୱର୍ଣ୍ଣ ପ୍ରକାଶ ରାଉତରାୟଙ୍କୁ ପଚାରିବାରୁ ସେ କୁହନ୍ତି, ଦୁଇଟି ପଞ୍ଚାୟତର ଶତାଧିକ ଦଳୀୟ ନେତା ଓ କର୍ମୀମାନଙ୍କୁ ନେଇ ଏକ ବୈଠକ ମୟୂରଝାଲିଆ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ରବିନାରାୟଣ ମହାପାତ୍ରଙ୍କ କାର୍ଯ୍ୟକଳାପକୁ ବିରୋଧ କରାଯାଇଥିଲା।



ବୈଠକରେ ଉପସ୍ଥିତ ନେତୃବୃନ୍ଦ ଓ କର୍ମୀ।

# ଆନ୍ତଃରାଜ୍ୟ କ୍ୟାରମ୍ ଟୁର୍ନାମେଣ୍ଟ: ବାଇଗୁଣିଆଁ 'ଖ' ଚାମ୍ପିୟନ

**ଖଣ୍ଡପଡା,୨୨।୧୦(ସ୍ୱ.ପ୍ର.)**

ସେଞ୍ଚୁରିଅନ୍ କ୍ୟାରମ୍ ଆସୋସିଏଶନ୍ ବାଇଗୁଣିଆଁ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ସମବାୟ ସମିତି ସଭାଗୃହରେ ଦ୍ୱାଦଶ ବାର୍ଷିକ ଆନ୍ତଃରାଜ୍ୟ କ୍ୟାରମ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଟୁର୍ନାମେଣ୍ଟର ଗ୍ରୁପ ଏ ରେ ୧୬ଟି ଟିମ୍ ଓ ବି ରେ ୧୬ଟି ଟିମ୍ ଏହିପରି ସର୍ବମୋଟ ୩୨ଟି ଟିମ୍ ଅଂଶଗ୍ରହଣ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଆୟୋଜିତ ଫାଇନାଲ ମ୍ୟାଚ୍‌ରେ ବାଇଗୁଣିଆଁ 'ଖ' ଓ 'ଗ' ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ



ଜିଲାପାଳଙ୍କ ନିକଟରେ ଲୋକେ ଅଭିଯୋଗ କରୁଛନ୍ତି ।

ହୋଇଥିଲା । ତେବେ ବାଇଗୁଣିଆଁ-ଖ ଦଳ ୨୯-୨୭ ପଏଣ୍ଟରେ ବାଇଗୁଣିଆଁ ଗ ଦଳକୁ ପରାଜିତ କରି ଚାମ୍ପିୟନ ହୋଇଥିବା ଜଣାପଡିଛି । ବରିଷ୍ଠ ଶିକ୍ଷକ ଲକ୍ଷ୍ମୀଧର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଚାମ୍ପିୟନ ବାଇଗୁଣିଆଁ ଖ ଟିମ୍‌କୁ ନଗଦ ୫୦୦୧ ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ବାଇଗୁଣିଆଁ ଗ ଦଳକୁ ୨୦୦୧ ଟଙ୍କା ସହ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନ୍‌ର ସଭାପତି ଓ ସମ୍ପାଦକ ଯଥାକ୍ରମେ ମାନସ କୁମାର ପୃଷ୍ଟି ଓ ଶିଶିର କୁମାର ସାହୁ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ଗାଡ଼ି ଧକ୍କାରେ କୃଷକ ମୃତ

**ଭାପୁର,୨୨।୧୦(ଡି.ଏନ୍.ଏ.)**

ରବିବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ କୃଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଫତେଗଡ଼ ଥାନା ଶାଳପଡ଼ା ଉପରସାହିର କରୁଣାକର ବେହେରା (୬୫)। କରୁଣାକର ରାତି ୮ଟା ସମୟରେ ଭାପୁର ବଜାରରୁ ଚାଲିଚାଲି ଘରକୁ ଫେରୁଥିବା ସମୟରେ ଗାଁ ପାଖରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ରାତିରେ ଗ୍ରାମବାସୀ ଓ ପରିବାର ଲୋକେ ମୃତଦେହ ସତ୍କାର କରିଦେଇଥିଲେ। ଗରିବ ଶ୍ରେଣୀର ଏହି କୃଷକ ପରିବାରକୁ ସରକାରୀ ସହାୟତା ଦେବାକୁ ଦାବି ହେଉଛି।

## ଦୁଇ ସନ୍ତାନକୁ ବିଷ ପିଆଇ ମା' ପିଇବା ଘଟଣା
# ଶ୍ୱଶୁରଘର ଲୋକଙ୍କ ନାମରେ ଅଭିଯୋଗ କଲେ ମହିଳାଙ୍କ ମା'
### ପରକୀୟା ପ୍ରୀତିକୁ କେନ୍ଦ୍ରକରି ହୋଇଥିଲା ପାରିବାରିକ କଳହ

**ନୟାଗଡ଼ ଅଫିସ/ଖଣ୍ଡପଡ଼ା (ସ୍ୱ.ପ୍ର.),୨୨।୧୦**

ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଶିଖରପୁର ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମରେ ରବିବାର ରାତିରେ ଦୁଇ ସନ୍ତାନଙ୍କୁ ବିଷ ପିଆଇ ମା' ନିଜେ ପିଇଥିଲେ। ପାରିବାରିକ କଳହକୁ କେନ୍ଦ୍ର କରି ମାଆ ଅହଲ୍ୟା ଖୁଣ୍ଟିଆ ଝିଅ ଶିବାନୀ ଓ ପୁଅ ସାଇଙ୍କୁ ଘର ବାରିପଟ ପୋଖରୀ କୂଳରେ ବିଷ ପିଆଇ ନିଜେ ପିଇବା ପରେ ପୋଖରୀକୁ ଡେଇଁ ପଡ଼ିଥିଲେ। ବିଷ କ୍ରିୟାରେ ଶିବାନୀ ଓ ସାଇଙ୍କ ମୃତ୍ୟୁ ଘଟିଥିବା ବେଳେ ଅହଲ୍ୟା ବର୍ତ୍ତମାନ ଭୁବନେଶ୍ୱରର ଏକ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ସୋମବାର ଭିନ୍ନ ମୋଡ଼ ନେଇଛି। ଅହଲ୍ୟାଙ୍କ ମାଆ ସୁକାନ୍ତି ଲେଙ୍କା ଜ୍ୱାଇଁ ବାପି ଖୁଣ୍ଟିଆ ପରକୀୟା ପ୍ରୀତି ପାଇଁ ଝିଅକୁ ଅକଥନୀୟ ନିର୍ଯାତନା ଦେଉଥିବାରୁ ଏଭଳି ଘଟିଥିବା ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୨୧୬/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଉଥିବା ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଅହଲ୍ୟାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର, ଦାଦା ଶ୍ୱଶୁର, ଖୁଡ଼ୀ ଶାଶୁଙ୍କ ନାମରେ ମାମଲା ରୁଜୁ କରିବା ସହ ଶାଶୁ ଓ ନଣନ୍ଦଙ୍କୁ ଅଟକ ରଖିଛି। ଅନ୍ୟପଟେ ବାପି ବିଭିନ୍ନ ସମୟରେ ଯୌତୁକ ଦାବି କରି ଅହଲ୍ୟାଙ୍କୁ ମାରପିଟ କରୁଥିଲେ, ଏପରି କି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

# ପଦାରେ ପଡ଼ିଲା ବିଜେଡି ଗୋଷ୍ଠୀ କନ୍ଦଳ

- ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ବନମାଳୀପୁର ପଞ୍ଚାୟତ
- ପଦଯାତ୍ରା ବେଳେ ବିଧାୟକ ହଟାଅ ବିଜେଡି ବଞ୍ଚାଅ ନାରା
- ଅନୁଭବ ଓ ସୌମ୍ୟରଞ୍ଜନ ଗୋଷ୍ଠୀ ମଧ୍ୟରେ କନ୍ଦଳ ଚର୍ଚ୍ଚା

**ନୟାଗଡ଼ ଅଫିସ,୨୨।୧୦**

ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବନମାଳୀପୁର ପଞ୍ଚାୟତରେ ସୋମବାର ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ବିଜେଡିର ୨ ଗୋଷ୍ଠୀ ମଧ୍ୟରେ କନ୍ଦଳ ଦେଖିବାକୁ ମିଳିଥିଲା। ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଓ ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଗୋଷ୍ଠୀ ମଧ୍ୟରେ କନ୍ଦଳ ହୋଇଥିବା ଚର୍ଚ୍ଚା ଜୋର୍ ଧରିଛି।

ପ୍ରକାଶ ଯେ, ସୋମବାର ଅପରାହ୍ନରେ ବନମାଳୀପୁର ଗ୍ରାମରେ ବିଧାୟକ ପଟ୍ଟନାୟକଙ୍କ ପଦଯାତ୍ରା ପହଞ୍ଚିବା ପରେ ବିଜେଡିର ଅନ୍ୟ ଏକ ଗୋଷ୍ଠୀ ବିଧାୟକଙ୍କ ବିରୋଧରେ ନାରାବାଜି ଦେଇ ପଦଯାତ୍ରା କରିଥିଲେ। ସେମାନେ ଅନୁଭବ ହଟାଅ ବିଜେଡ଼ି ବଞ୍ଚାଅ ନାରା ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ହାତ ଉଠାଉଠି ପର୍ଯ୍ୟନ୍ତ କଥା ଯାଇଥିଲା। ଏହା ନିର୍ବାଚନମଣ୍ଡଳୀର ଦୁଇ ଗୋଷ୍ଠୀଙ୍କ





ବିଧାୟକ ଅନୁଭବଙ୍କ ବିରୋଧରେ ବୁଲୁଥିବା ପ୍ରଚାର ଗାଡ଼ି।

ମଧ୍ୟରେ ଥିବା କନ୍ଦଳକୁ ପଦାରେ ପକାଇଛି। ଆଗାମୀ ସାଧାରଣ ନିର୍ବାଚନରେ ବିଧାୟକ ପଟ୍ଟନାୟକଙ୍କ ପାଇଁ ଏହା ଏକ ସମସ୍ୟା ଭାବେ ଠିଆ ହେବ ବୋଲି ଆଲୋଚନା ହେଉଛି। ଏ ନେଇ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଖଣ୍ଡପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶିଶିର ସାହୁ ଏଭଳି କାର୍ଯ୍ୟ କରିଛନ୍ତି। ତାଙ୍କ ବ୍ୟକ୍ତିଗତ ସ୍ୱାର୍ଥରେ ବାଧା ସୃଷ୍ଟି ହେବାରୁ ଏହିଭଳି କାର୍ଯ୍ୟ କରିଛନ୍ତି। ତାଙ୍କ ସମର୍ଥକୀୟମାନେ ବନମାଳୀପୁର ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧି ହୋଇଥିବା ବେଳେ ଲୋକମାନଙ୍କର କୌଣସି କାର୍ଯ୍ୟ କରୁନାହାନ୍ତି। ଫଳରେ ଲୋକଙ୍କ ଅସନ୍ତୋଷ ବଢ଼ିଯାଇଛି। ଆମେ ପଦଯାତ୍ରା ସମୟରେ ପଞ୍ଚାୟତରେ କରିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲୁ। ହେଲେ ସାହୁ ଏହାକୁ ବିରୋଧ କରିଥିବା ନେଇ ବିଧାୟକ ପଟ୍ଟନାୟକ ସୂଚନା ଦେଇଥିଲେ। କିଛି ହାତଗଣିତ ଲୋକଙ୍କୁ ନେଇ ସେ ବିରୋଧ କରିବାକୁ ଚେଷ୍ଟା କରୁଥିବା ସେ କହିଥିଲେ। ଏ ନେଇ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାହୁଙ୍କୁ ପଚାରିବାରୁ ସେ ଏହି ପଦଯାତ୍ରାରେ ସାମିଲ ହୋଇ ନ ଥିଲେ, ତେଣୁ ବିରୋଧ କଲେ କେମିତି ବୋଲି ପ୍ରଶ୍ନ କରିଥିଲେ। ସେହିଭଳି ସାଧାରଣ ଜନତା ବିରୋଧ କଲେ ସେ କ'ଣ କରିପାରିବେ ବୋଲି ପ୍ରକାଶ କରିଥିଲେ। ଏହି ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ସାହୁ କହିଥିଲେ। ଏ ନେଇ ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ସେ ଏହି ଘଟଣା ବିଷୟରେ ଅବଗତ ନ ଥିବା ପ୍ରକାଶ କରିଥିଲେ।